# କ୍ରମାଗତ ଏନ୍‌କାଉଣ୍ଟର ପରେ ପୁଲିସ-ଅପରାଧୀ ଲୁଚକାଳି

ବ୍ରହ୍ମପୁର,୨୭।୫(ସମିସ)



ଦିନକୁ ଦିନ ବୃଦ୍ଧି ପାଇଥିବା ଅପରାଧକୁ ନିୟନ୍ତ୍ରଣ କରିବା ତଥା ଅପରାଧୀଙ୍କୁ ସାବାଡ କରିବାକୁ ଯାଇ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ପୁଲିସ କଠୋର ହୋଇଛି। ଆକ୍ସନ ମୋଡକୁ ଯାଇ ଏନକାଉଣ୍ଟର ଭଳି ଚରମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଛାଇ ନାହିଁ। ପୁଲିସର ଏଭଳି ପଦକ୍ଷେପ ପରେ ଉଭୟ ଅପରାଧୀ ଓ ପୁଲିସ ପରସ୍ପରଙ୍କ ଗତିବିଧି ଉପରେ ନଜର ରଖୁଥିବା ଜଣାପଡିଛି। ଏନକାଉଣ୍ଟର ପାଇଁ ପୁଲିସ ପକ୍ଷରୁ ଜାରି ଅଘୋଷିତ ଅପରାଧି ତାଲିକାରେ କାହା କାହାର ନାମ ସ୍ଥାନ ପାଇଛି ତାହା ଜାଣିବା ପାଇଁ ଅପରାଧିଙ୍କ ହୃଦସ୍ପନ୍ଦନ ବଢିବାରେ ଲାଗିଛି। ଏହା ଜାଣିବା ପାଇଁ କିଛି ଅପରାଧୀ ନିଜ ସହିତ ସମ୍ପର୍କରେ ଥିବା ପୁଲିସ କର୍ମଚାରୀ ଓ ଅଫିସରଙ୍କ ସହ ଯୋଗାଯୋଗ କରିବା ଆରମ୍ଭ କରିଦେଇଛନ୍ତି। ଏପରିକି କଣ କଲେ ତାଲିକାରୁ ନାମ ହଟିବ ସେନେଇ ମଧ୍ୟ ପରାମର୍ଶ ନେଉଥିବା ସୂଚନା ମିଳିଛି। ଏପରିକି ସହରର କିଛି ଅପରାଧୀ ନିଜ ଏରିଆ ଅଧିନସ୍ଥ ବିଭିନ୍ନ ଛକରେ ଖବରୀ ନିୟୋଜିତ କରି ପୁଲିସର ଗତିବିଧି ଉପରେ ନଜର ରଖୁଥିବା ଜଣାପଡିଛି।

ପୁଲିସ ବା ଥାନା ଗାଡି କେଉଁ ଆଡେ ଗଲା କଣ ଅନୁସନ୍ଧାନ କରୁଛି ସେନେଇ ତଥ୍ୟ ସଂଗ୍ରହ କରୁଛନ୍ତି। ତଥ୍ୟ ସଂଗ୍ରହ କରିବା ପରେ ନିଜର ସୁରକ୍ଷାକୁ ଦୃଷ୍ଟିରେ ରଖି ନିଜଆଡୁ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରୁଥିବା ଜଣାପଡିଛି। ଆବଶ୍ୟକସ୍ଥଳେ ତୁରନ୍ତ ସହର ଛାଡି ବାହାରକୁ ପଳାୟନ କରୁଛନ୍ତି। ସହର ବାହାରକୁ ଗଲା ପରେ ମଧ୍ୟ ନିଜ ଖବରୀଙ୍କ ଜରିଆରେ ଯୋଗାଯୋଗ ସ୍ଥାପନ କରି ନିୟମିତ ତଥ୍ୟ ସଂଗ୍ରହ କରୁଛନ୍ତି। ସେପଟେ ପୁଲିସ ପକ୍ଷରୁ ମଧ୍ୟ ବର୍ତ୍ତମାନ ପରିସ୍ଥିତିରେ ପୁରୁଣା ଖବରୀଙ୍କୁ ବିଶ୍ୱାସକୁ ନନେଇ ନୂଆ ଖବରୀ ଠାବ କରି ସେମାନଙ୍କ ଠାରୁ ଖବର ସଂଗ୍ରହ ଚାଲିଛି। ଫଳରେ ଉଭୟ ପୁଲିସ ଓ ଅପରାଧୀ ପରସ୍ପରର ତଥ୍ୟ ସଂଗ୍ରହ କରିବାରେ ଲାଗିଥିବା ଜଣାପଡିଛି। ଇତି ମଧ୍ୟରେ ବ୍ରହ୍ମପୁର ପୁଲିସ ପକ୍ଷରୁ ମୁକେଶ ସାହୁ, ଜଗା ସାହୁ, ରଞ୍ଜନ ମଲ୍ଲିକ, ସୁମିତ ସିଂ ଓ ଦିପୁନା ନାୟକଙ୍କ ଭଳି ୫ଜଣ ଦୁର୍ଦ୍ଦାନ୍ତ ଅପରାଧିଙ୍କୁ ଏନକାଉଣ୍ଟର୍ କରିସାରିଛି। ଅପରାଧକୁ ନିୟନ୍ତ୍ରଣ ତଥା ଅପରାଧୀଙ୍କୁ ସାବାଡ କରିବାକୁ ଯାଇ ସହରରେ ତଥା ଉପକଣ୍ଠରେ ନିୟମିତ ପ୍ରତ୍ୟେକ ଥାନା ଇଲାକାରେ ପୁଲିସ ରାତ୍ରୀକାଳୀନ ପାଟ୍ରୋଲିଂ ସହ ଫୁଟମାର୍ଚ୍ଚ ଜରିଆରେ ଲୋକଙ୍କୁ ସଚେତନ କରାଯାଉଛି।

## ଏନ୍‌ଜିଓ ପାଣ୍ଠି ହେର୍‌ଫେର, ଆକାଉଣ୍ଟାଣ୍ଟ ଗିରଫ



ବ୍ରହ୍ମପୁର,୨୭।୫(ସମିସ): ଜାଲ ଦସ୍ତଖତ କରି ଏକ ସ୍ୱେଚ୍ଛାସେବୀ ସଂଗଠନ(ଏନଜିଓ)ର ଲକ୍ଷ ଲକ୍ଷ ଟଙ୍କା ହେରଫେର କରିବା ଅଭିଯୋଗରେ ନିମଖଣ୍ଡି ଥାନା ପୁଲିସ ଜଣେ ଆକାଉଣ୍ଟାଣ୍ଟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଗେଟବଜାର ଗୋଲାପଲ୍ଲୀ ସାହି ପ୍ରଥମ ଲାଇନର ରାଜୀବ କୁମାର ସେଠୀ (୩୫)। ସୂଚନା ଅନୁଯାୟୀ, ନୀଳାଞ୍ଚଳନଗର ୫ମ ଲାଇନରେ ରହୁଥିବା "ସାକାଲ' ନାମକ ସ୍ୱେଚ୍ଛାସେବୀ ସଂଗଠନ ରହିଛି। ୨୬ ବର୍ଷ ଧରି ଏହି ଏନଜିଓ ଗଜପତି ଜିଲାର ମୋହନା ଏବଂ ଗଞ୍ଜାମ ଜିଲ୍ଲାର ଧରାକୋଟ ବ୍ଲକରେ ସାମାଜିକ ବିକାଶ, ସ୍ୱାସ୍ଥ୍ୟ ଓ ଜୀବିକା କ୍ଷେତ୍ରରେ କାର୍ଯ୍ୟ କରୁଛି। ଏହି ଏନଜିଓକୁ ଦେଶ ଓ ବିଦେଶରୁ ପାଣ୍ଠି ଆସୁଛି। ଏଠାରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିବା ରାଜୀବ ସେଠୀଙ୍କ ନିକଟରେ ସମସ୍ତ ଆୟ-ବ୍ୟୟର ହିସାବ ଏବଂ ଚେକ୍ ବହି ଗଚ୍ଛିତ ରହୁଥିଲା। ତେବେ ଗତ କିଛି ବର୍ଷ ଭିତରେ ଏନଜିଓରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିବା ସାମ୍ନାକୁ ଆସିଥିଲା। ଯାଞ୍ଚ ପରେ ଅଭିଯୁକ୍ତ ରାଜୀବ ଏନଜିଓର ସମ୍ପାଦକଙ୍କ ଜାଲ ଦସ୍ତଖତ କରି ସଂସ୍ଥାର ବ୍ୟାଙ୍କ ଖାତାରୁ ବାରମ୍ବାର ଟଙ୍କା ଉଠାଇ ନିଜର ବ୍ୟକ୍ତିଗତ ସ୍ୱାର୍ଥରେ ଖର୍ଚ୍ଚ କରିଥିବା ଜଣାପଡିଥିଲା। ସେହିକ୍ରମରେ ଏନଜିଓର ସମ୍ପାଦକ ନଗେନ୍ଦ୍ର କୁମାର ନନ୍ଦୀ(୬୯) ନିମଖଣ୍ଡି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ପୁଲିସ ଏନଜିଓର ସାର୍ଟିଫିକେଟ୍, ପାନ୍ କାର୍ଡ, ଷ୍ଟେଟ୍ ବ୍ୟାଙ୍କ ଓ ୟୁନିଅନ ବ୍ୟାଙ୍କର ଆକାଉଣ୍ଟ ଡିଟେଲ୍ସ ଆଜି ଜବତ କରିଛି । ଏହି ଘଟଣାରେ ଅନ୍ୟ କାହାର ସଂପୃକ୍ତି ରହିଛି କି ନାହିଁ ସେ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ନିମଖଣ୍ଡି ଥାନା ଅଧିକାରୀ କୃଷ୍ଣ ସାହା ସୂଚନା ଦେଇଛନ୍ତି।

ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାଫଳ

## ୨୪ତମ ସ୍ଥାନରେ ବ୍ରହ୍ମପୁରର ଟି. ନରସିଂହ ପାତ୍ର

ବ୍ରହ୍ମପୁର,୨୬।୫(ସମିସ): ଓଡିଶା ପ୍ରଶାସନିକ ସେବା ପରୀକ୍ଷାଫଳ-୨୦୨୪ ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ ବ୍ରହ୍ମପୁର ଗୋସାଣୀନୂଆଗାଁ ଦୀପ ସାହି ନିବାସୀ ଟି. ରାଜେଶ୍ୱରୀ ପାତ୍ର ଓ ଟି.କୃଷ୍ଣଚନ୍ଦ୍ର ପାତ୍ରଙ୍କ ପୁତ୍ର ଟି. ନରସିଂହ ପାତ୍ର ୨୪ତମ ସ୍ଥାନ ହାସଲ କରିଛନ୍ତି। ଗତବର୍ଷ ନରସିଂହ ଓସିଏସ୍ ପରୀକ୍ଷାରେ



୮୭ତମ ସ୍ଥାନ ହାସଲ କରି ଓଆରଏସରେ ସ୍ଥାନ ପାଇଥିବା ବେଳେ ଚଳିତ ବର୍ଷ ୨୪ତମ ସ୍ଥାନ ହାସଲ କରିଛନ୍ତି। ବର୍ତ୍ତମାନ ସେ ଟ୍ରେନିଂ ରିଜର୍ଭ ଅଫିସର ଭାବେ କାର୍ଯ୍ୟରତ ରହିଛନ୍ତି। ନରସିଂହ ପୂର୍ବରୁ ରଙ୍ଗେଇଲୁଣ୍ଡା ବ୍ଲକ୍ ପଞ୍ଚମା ଉନ୍ନୀତ ଉଚ୍ଚବିଦ୍ୟାଳୟରେ ଗଣିତରେ ଶିକ୍ଷକତା କରିଥିଲେ। ପୂର୍ବରୁ ସେ ଅନେକ ସରକାରୀ ପରୀକ୍ଷା ତଥା ରାଜସ୍ୱ ନିରୀକ୍ଷକ, କନିଷ୍ଠ ରାଜସ୍ୱ ସହାୟକରେ କୃତିକାର୍ଯ୍ୟ ହୋଇଛନ୍ତି। ସ୍ଥାନୀୟ ଖଲ୍ଲିକୋଟ ମହାବିଦ୍ୟାଳୟ ଓ ବିନାୟକ ମହାବିଦ୍ୟାଳୟରୁ ଶିକ୍ଷା ସାରି ବି.ଏଡ୍ କଲେଜରୁ କୃତକାର୍ଯ୍ୟ ହୋଇଥିଲେ।

ତିନି ବର୍ଷ ପରେ ମଧ୍ୟ ଘୋଷଣାରେ ସୀମିତ

## କେବେ ଖୋଲିବ ନଗର ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ

ବ୍ରହ୍ମପୁର,୨୭।୫(ସମିସ): ବ୍ରହ୍ମପୁର ସହରରେ ନଗର ଶିକ୍ଷାଧିକାରୀ ବା ସିଟି ଏଜୁକେସନ ଅଫିସ ଖୋଲିବା ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଘୋଷଣା ହୋଇଥିଲା। କିନ୍ତୁ ଘୋଷଣାକୁ ୩ବର୍ଷରୁ ଉଦ୍ଧ୍ୱର୍ ସମୟ ବିତିଯାଇଥିବା ବେଳେ ଏପର୍ଯ୍ୟନ୍ତ ସହରରେ ଉକ୍ତ କାର୍ଯ୍ୟାଳୟ ଖୋଲୁ ନାହିଁ। ନଗର ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଖୋଲିପାରି ନଥିବା ଯୋଗୁଁ ବ୍ରହ୍ମପୁର ସହର ସମେତ ଉପକଣ୍ଠ ଅଞ୍ଚଳରେ ଥିବା ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଛୋଟବଡ଼ କାମ ପାଇଁ ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡୁଛି। ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସହରର ଠାରୁ ଦୂରରେ ଅବସ୍ଥିତ। ଜାତୀୟ ରାଜପଥ ଦେଇ ଯିବାକୁ ପଡୁଥିବା ଯୋଗୁଁ ଶିକ୍ଷକଶିକ୍ଷୟିତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨୦୧୩ ମସିହାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପୁନର୍ବିନ୍ୟାସ ପରେ ଡି.ଆଇ ପଦ ଉଚ୍ଛେଦ କରାଯାଇଥିଲା। ଗଞ୍ଜାମ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଶାଖା କାର୍ଯ୍ୟାଳୟ ଖୋଲାଯାଇଥିଲା। ବର୍ତ୍ତମାନ ଜଣେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ନଗର ଶିକ୍ଷାଧିକାରୀ ଦାୟିତ୍ୱରେ ଅଛନ୍ତି। କିନ୍ତୁ ସରକାରଙ୍କ ପକ୍ଷରୁ କାର୍ଯ୍ୟାବଳୀର ସ୍ପଷ୍ଟ ନିର୍ଦ୍ଦେଶନାମା ଆସିନଥିବାରୁ ଉକ୍ତ କାର୍ଯ୍ୟାଳୟଟି ନିଷ୍କ୍ରିୟ ହୋଇ ପଡ଼ିରହିଛି। ବ୍ରହ୍ମପୁର ସହରରେ ଶତାଧିକ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ରହିଛି। ବିଦ୍ୟାଳୟ ଗୁଡ଼ିକର ପରିଚାଳନା ଓ ତଦାରଖ କରିବା ପାଇଁ ସହରରେ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଖୋଲିବାକୁ ଦାବି ହୋଇ ଆସୁଥିବା ବେଳେ ସରକାର ଏଥିପ୍ରତି ଦୃଷ୍ଟି ଦେଉନଥିବା ଯୋଗୁଁ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହାକୁ ଦୃଷ୍ଟିରେ ରଖି ଗତ ୨୦୨୨ ଜୁଲାଇ ୨ତାରିଖରେ (ବିଭାଗର ଚିଠି ନମ୍ବର ୧୪୦୨୨)ରେ ବ୍ରହ୍ମପୁର ମହାନଗର ନିଗମ ସମେତ ଅନ୍ୟ ୪ଟି ମହାନଗର ନିଗମରେ ସିଟି ଏଜୁକେସନ ଅଫିସ ବା ସିଇଓ କାର୍ଯ୍ୟାଳୟ ଖୋଲିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ସରକାରୀ ଘୋଷଣାର ୩ ବର୍ଷ ପରେ ମଧ୍ୟ ଏହା କାର୍ଯ୍ୟକାରୀ ହେଉନଥିବା ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯିବା ପାଇଁ ୧୬ ନମ୍ବର ଜାତୀୟ ରାଜପଥ ଦେଇ ଯିବାକୁ ପଡୁଥିବା ଯୋଗୁଁ ଅନେକ ସମୟରେ ଶିକ୍ଷକ ଓ ଅଭିଭାବକମାନେ ଦୁର୍ଘଟଣାର ଶିକାର ହେଉଥିବା ନଜିର ରହିଛି। ତେଣୁ ସହରରେ ଯେ ପରି ନଗର ଶିକ୍ଷାଧିକାରୀ ଖୋଲିପାରିବେ। ସେ ନେଇ ଜିଲ୍ଲା ପ୍ରଶାସନ ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।




● ୨୪ଦିନରେ ମା'ରାମାୟଣାମ୍ମାଙ୍କ ଯାତ୍ରା

## ଯାତ୍ରା ମ୍ୟାନେଜରଙ୍କ ସ୍ୱତନ୍ତ୍ର ପୂଜା



ଛତ୍ରପୁର,୨୭।୫(ସମିସ): ଛତ୍ରପୁରର ଆରାଧ୍ୟ ଦେବି ମା'ରାମାୟଣାମ୍ମା ଠାକୁରାଣୀଙ୍କ ଯାତ୍ରା ଲାଗି ଉଠୁଛି ପଡୁଛି ସାରା ସହର। ବୁଧବାର ଯାତ୍ରାର ୨୪ଦିନ ଅବସରରେ ଯାତ୍ରା କମିଟି ମ୍ୟାନେଜର ସିଏଚ ଦୟାନନ୍ଦ ରେଡୀଙ୍କ ବାସ ଭବନ ଯାଇ ମା' ସ୍ୱତନ୍ତ୍ର ଭୋଗ ଗ୍ରହଣ କରିଛନ୍ତି। ବିରାଟ ପଟୁଆରରେ ମା ଅସ୍ଥାୟୀ ମଣ୍ଡପରୁ ବାହାରି ନଗର ପରିକ୍ରମା କରିଥିଲେ। ଗତ ମେ ମାସ ୪ ତାରିଖରୁ ମାଙ୍କ ପାରମ୍ପରିକ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଆସନ୍ତା ଜୁନ ମାସ ୫ ତାରିଖ ପର୍ଯ୍ୟନ୍ତ ଏହି ଯାତ୍ରା ଚାଲିବ। ମା'ଙ୍କ ଯାତ୍ରା ଅବସରରେ ଛତ୍ରପୁର ଅନସ୍ଲୋ ଖେଳ ପଡିଆ ଠାରେ ରାମଦୋଳି ଓ ମୀନା ବଜାର ଖୋଲାଯାଇଥିବା ବେଳେ ଲୋକେ ଏହାର ମଜା ଉଠାଉଛନ୍ତି। ସହରର ସମସ୍ତ ପ୍ରବେଶ ପଥକୁ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଛି। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ ରହିଛନ୍ତି। ଆସନ୍ତା ୧ ରୁ ୫ ତାରିଖ ପର୍ଯ୍ୟନ୍ତ ଛତ୍ରପୁର ମହୋତ୍ସବ ଅନୁଷ୍ଠିତ ହେବ ଯାହାକି ଯାତ୍ରାକୁ ଆହୁରି ଆକର୍ଷଣ କରିବ।

## ବ୍ରହ୍ମପୁରକୁ ସମୃଦ୍ଧ ଓଡ଼ିଶା ଭିଜନରେ ଅନ୍ତର୍ଭୁକ୍ତ ଦାବି

ବ୍ରହ୍ମପୁର,୨୭।୫(ସମିସ): ସହରକୁ ବୃହତ୍ତର ବ୍ରହ୍ମପୁର ମହାନଗର କ୍ଷେତ୍ର ରୂପରେ ରୂପାନ୍ତର କରିବା ସହିତ ଏହାକୁ ଓଡ଼ିଶା ଭିଜନ୨୦୩୬ ଏବଂ ବିକଶିତ ଭାରତ୨୦୪୭ ଅଧୀନରେ ଅନ୍ତର୍ଭୁକ୍ତ କରିବାକୁ ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି ହୋଇଛି। ଦକ୍ଷିଣ ଓଡ଼ିଶାର ସର୍ବବୃହତ୍ ସହର ଏବଂ ଏକ ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ଭାବରେ ତଥା ସମୃଦ୍ଧ ଓଡ଼ିଶା ପାଇଁ ଏହାର ପୂର୍ଣ୍ଣ ସାମର୍ଥ୍ୟକୁ ଉନ୍ମୋଚନ କରିବା ନିମନ୍ତେ ବ୍ରହ୍ମପୁର ସହର ତୁରନ୍ତ ସମନ୍ୱିତ, ଭବିଷ୍ୟତ-ପ୍ରସ୍ତୁତ ଭିତ୍ତିଭୂମି ଆବଶ୍ୟକ କରୁଛି। ଏଥି ନିମନ୍ତେ ସିଟି ଓଡ଼ିଶା ରୋଡମ୍ୟାପ୍ ଏବଂ ରାଜ୍ୟ ପ୍ରାଥମିକତା ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଇମେଲ ମାଧ୍ୟମରେ ପ୍ରେରଣ କରାଯାଇଥିବା ଜଣାପଡ଼ିଛି। ସେଥି ମଧ୍ୟରେ ସହରୀ ଓ ପ୍ରଶାସନିକ ପୁନଃର୍ଗଠନ, ପରିବହନ ଓ ସଂଯୋଗ, ଶିଳ୍ପ ଓ ଅର୍ଥନୈତିକ ବିକାଶ ଏବଂ ସ୍ୱାସ୍ଥ୍ୟ ଓ ଶିକ୍ଷା ଭଳି ବିଭିନ୍ନ ଦିଗକୁ ନେଇ ଦାବି କରାଯାଇଛି। ଗଞ୍ଜାମ ଓଡ଼ିଶାର ସର୍ବାଧିକ

### ଗଞ୍ଜାମ ଜିଲ୍ଲା ଓ ଦକ୍ଷିଣ ଓଡ଼ିଶାର ଭିତ୍ତିଭୂମି ବିକାଶ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ

ଜନସଂଖ୍ୟା ବିଶିଷ୍ଟ ଜିଲ୍ଲା ହୋଇଥିବା ବେଳେ ୪୦ ଲକ୍ଷରୁ ଅଧିକ ଲୋକ ଏଠାରେ ବସବାସ କରୁଛନ୍ତି। ସେହିପରି ବ୍ରହ୍ମପୁର ଦକ୍ଷିଣ ଓଡ଼ିଶା ଓ ସୀମାନ୍ତ ଆନ୍ଧ୍ରର ବହୁ ଜିଲ୍ଲା ପାଇଁ ଅର୍ଥନୈତିକ, ଚିକିତ୍ସା, ଶିକ୍ଷା, ବାଣିଜ୍ୟ ଓ ବ୍ୟବସାୟ କେନ୍ଦ୍ର ରୂପେ କାର୍ଯ୍ୟ କରୁଥିବା ଦାବି କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ସିଟି ଓଡ଼ିଶାର ୬ଟି ଥିମ୍: ଅର୍ଥନୀତି, ସହରୀ ବିକାଶ, ନବାଚାର, ଶକ୍ତି ପରିବର୍ତ୍ତନ, ପରିବେଶ, ଏବଂ ଗ୍ରାମୀଣ ଜୀବିକା ସହିତ ସମନ୍ୱିତ ରହିଛି। ତେଣୁ ଏହି ପ୍ରସ୍ତାବଗୁଡ଼ିକୁ ବିଚାର କରି ୨୦୨୬-୨୭ ଠାରୁ ଡିପିଆର ପ୍ରସ୍ତୁତି, ଜମି ଆବଣ୍ଟନ, ଏବଂ ବଜେଟ୍ ବ୍ୟବସ୍ଥା ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକୀୟ ନିର୍ଦ୍ଦେଶ ଜାରି କରିବାକୁ ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ଏବଂ ଉପଦେଷ୍ଟା ଦନାର୍ଦ୍ଦନ ସ୍ୱାଇଁ ଓ କାଳିନ୍ଦୀ ଚରଣ ନାୟକ ପ୍ରମୁଖ ଦାବି କରିଛନ୍ତି। ଏହା ସହ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଏକ ସମୃଦ୍ଧ ଏବଂ ଜୀବନ୍ତ ବ୍ରହ୍ମପୁର, ଗଞ୍ଜାମ, ଦକ୍ଷିଣ ଓଡ଼ିଶା ଏବଂ ବିକଶିତ ଓଡ଼ିଶା ଗଠନ ହେବ ବୋଲି ବ୍ରହ୍ମପୁର ବାସୀ ଆଶାବାଦୀ ରହିଥିବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି।

ନିର୍ମାଣ ହୋଇଛି ହସ୍ତାନ୍ତର ହେଉନି

## ଭଙ୍ଗା କୋଠାରେ ଚାଲିଛି ଆର୍‌ଆଇ ଅଫିସ



ଛତ୍ରପୁର,୨୭।୫(ସମିସ): ଛତ୍ରପୁର ତହସିଲ ଅନ୍ତର୍ଗତ ସୁନ୍ଦରପୁର ଗ୍ରାମରେ ଲୋକଙ୍କୁ ରାଜସ୍ୱ ସେବା ଯୋଗାଇଦେବା ଲାଗି ସରକାରୀ ଅର୍ଥ ଖର୍ଚ୍ଚରେ ନିର୍ମାଣ କରାଗଲା ନୂତନ କୋଠା । ହେଲେ, ଏଯାବତ୍ ତାହାକୁ ହସ୍ତାନ୍ତର ନ କରାଯିବା ଫଳରେ ଲୋକେ ରାଜସ୍ୱ ସେବା ସଠିକ୍ ଭାବେ ପାଇ ପାରୁନଥିବା ଅଭିଯୋଗ ହୋଇଛି। ଗ୍ରାମରେ ଥିବା ଏକ ଭଙ୍ଗା ପୁରୁଣା କୋଠାରେ ରାଜସ୍ୱ ସେବା ଯୋଗାଇ ଦିଆଯାଉଥିବା ବେଳେ ଲୋକଙ୍କ ପାଇଁ ସେଠାରେ ପର୍ଯ୍ୟାପ୍ତ ସୁବିଧା ନଥିବାରୁ ଲୋକେ ଉକ୍ତ କାର୍ଯ୍ୟାଳୟକୁ ଯିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ଏହାକୁ ନେଇ ସ୍ଥାନୀୟ ବାସିନ୍ଦା ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ମଧ୍ୟ ଦେଖିବାକୁ ମିଳୁଛି। ନୂତନ କୋଠାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ କୋଠାକୁ କାହିଁକି ହସ୍ତାନ୍ତର କରାଯାଉନାହିଁ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ବର୍ଷା।। ହେଲେ ପୁରୁଣା କୋଠାରୁ ପାଣି ଝରିବା ସହ ସେଠାରେ ଲୋକଙ୍କ ପାଇଁ ବସିବା, ପାନୀୟ ଜଳ ଆଦି ସୁବିଧା ନଥିବାରୁ ନୂତନ କୋଠା ହସ୍ତାନ୍ତର ପରେ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ସମସ୍ତ ସୁବିଧା ପାଇପାରିବେ ବୋଲି କହିଛନ୍ତି ଗ୍ରାମବାସୀ । ଏଣୁ ସୁନ୍ଦରପୁର ରାଜସ୍ୱ ଅଧିନରେ ଆସୁଥିବା ସମସ୍ତ ପଞ୍ଚାୟତର ଲୋକଙ୍କ ସ୍ୱାର୍ଥ ଲାଗି ନୂତନ କୋଠାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଦାବି ଜୋର ଧରିଛି। ଏନେଇ ରାଜସ୍ୱ ଅଧିକାରୀଙ୍କୁ ପଚାରିବାରେ ଏନେଇ ଛତ୍ରପୁର ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଖୁବ ଶୀଘ୍ର ବିଦ୍ୟୁତ ସଂଯୋଗ ହେଲେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ସରକାର ଜନ ସାଧାରଣଙ୍କ ହିତ ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ କୋଠା ନିର୍ମାଣ କରାଯାଇଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ହୋଇନାହିଁ। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ନିମନ୍ତେ ସୁନ୍ଦରପୁର ସରପଞ୍ଚ ଗଗନ କୁମାର ବେହେରା ଓ ଭାଜପା ନେତା ଅର୍ଜୁନ ବେହେରା ଦାବୀ କରିଛନ୍ତି।

## ଜଗଦଳପୁର ସାହି ପରିକ୍ରମା କରୁଛି ମା'ଙ୍କ ଘଟ



ବ୍ରହ୍ମପୁର,୨୭।୫(ସମିସ): ଜଗଦଳପୁର ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ର ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ଠାରୁ ଘଟ ପରିକ୍ରମା ଆରମ୍ଭ ହୋଇଛି। ପ୍ରଥମେ ଅସ୍ଥାୟୀ ମନ୍ଦିରରୁ ବାହାରି ନିଜ ବାପା ଘର ଅର୍ଥାତ୍ ସାହୁ ପରିବାର ଘରେ ପହଞ୍ଚିଥିଲେ। ସେଠାରେ ପୂଜା ପାଇବା ପରେ ଶୁଣ୍ଢି ସାହି ସ୍ଥିତ ମା'ଙ୍କ ସମ୍ପର୍କୀୟଙ୍କ ଘରେ ପୂଜା ପାଇ ବାଉରୀ ସାହିରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇ ପୁଣି ଅସ୍ଥାୟୀ ମଣ୍ଡପକୁ ମା'ଙ୍କ ଘଟ ଫେରିଥିଲା। ସେହିପରି ବୁଧବାର ଦିନ ମା' ଠାକୁରାଣୀ ଅସ୍ଥାୟୀ ମନ୍ଦିରରୁ ବାହାରି କୁମ୍ଭାର ସାହି ଏବଂ ଭଣ୍ଡାରୀ ସାହି ଭ୍ରମଣ କରିବା ପରେ ପୁଣି ଅସ୍ଥାୟୀ ମନ୍ଦିରକୁ ଫେରିଯାଇଥିଲେ।

ସେହିପରି ଗୁରୁବାରରେ ମା'ଙ୍କ ନଗର ଭ୍ରମଣ ବନ୍ଦ ରହିଥିବା ଜଣାପଡ଼ିଛି। ଆସନ୍ତା କାଲି ମା' ଙ୍କୁ ଉତ୍ତର ବଡ଼ ସାହି ଦେଇ ନିଜ ମାଉସୀ ମା' ଘରକୁ ଯିବାର କାର୍ଯ୍ୟକ୍ରମ ରହିଛି। ଚଳିତ ମାସ ୨୧ ତାରିଖରେ ଯାତ୍ରା ପାଇଁ ଆଜ୍ଞା ପ୍ରଦାନ କରିଥିବା ବେଳେ ଅସ୍ଥାୟୀ ମଣ୍ଡପରେ ମା' ପୂଜା ପାଉଛନ୍ତି। ଯାତ୍ରାକୁ ଦୃଷ୍ଟିରେ ରଖି ମା' ବୁଢ଼ୀ ଠାକୁରାଣୀ ଯାତ୍ରା ପରିଚାଳନା କମିଟି ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହି ଅବସରରେ ମନ୍ଦିର ପୂଜକ, ବ୍ରହ୍ମପୁର ବୁଢ଼ୀ ଠାକୁରାଣୀ ମନ୍ଦିର ପୂଜକ ଭାଗିରଥୀ ଗନ୍ତାୟତ, ଯାତ୍ରା ପରିଚାଳନା କମିଟିର ପଞ୍ଚାନନ ସାହୁ, ସଂଜୟ ସାହୁ, ଶିଶିର ସାହୁ, ହରିଶ୍ଚନ୍ଦ୍ର ସାହୁ, ସମାଜସେବୀ ରାଧା ମୋହନ ସାହୁ, ବାବୁଲ ଡାକୁଆ ଓ ସୀମା ବେହେରାଙ୍କ ସମେତ ଗ୍ରାମବାସୀ ଏକତ୍ରିତ ହୋଇ ଆନନ୍ଦ ଉଲ୍ଲାସରେ ମା'ଙ୍କ ଘଟ ପରିକ୍ରମାରେ ସାମିଲ ହୋଇଥିଲେ।

# ଓଏଏସ୍ ପାଇଲେ ଗଜପତିର ସୁଦାସ ଓ ବନ୍ଦନାରାଣୀ

ପାରଳାଖେମୁଣ୍ଡି/ନୂଆଗଡ,୨୭।୫(ସମିସ): ଓଡିଶା ସିଭିଲ୍ ସର୍ଭିସ୍ ପରୀକ୍ଷାଫଳ ବାହାରିଛି। ଏଥିରେ ନୂଆଗଡ ବ୍ଲକ ମୁରୁସିଂ ଗ୍ରାମର ସୁଦାସ କୁମାର ମଣ୍ଡଲ ୧୮୧ ର୍ୟାଙ୍କ ରଖିଥିବା





ବେଳେ ରାୟଗଡ ବ୍ଲକ କରଡାସିଂର ବନ୍ଦନାରାଣୀ ନାୟକ ୧୯୦ ର୍ୟାଙ୍କ ରଖି ଓଡିଶା ସିଭିଲ୍ ସର୍ଭିସ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି । ବନ୍ଦନା ଜଣେ ମେଧାବୀ ଛାତ୍ରୀ ହିସାବରେ ସୁନାମ ଅର୍ଜନ କରିଥିବା ବେଳେ ସେ ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରୁ ୨୦୧୬ ମସିହାରେ ପ୍ରଥମ ଶ୍ରେଣୀରେ ଦଶମ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବ୍ରହ୍ମପୁର ନିଳକଣ୍ଠ ନଗର ସରସ୍ୱତୀ ଶିଶୁ ମନ୍ଦିରରୁ +୨ ବିଜ୍ଞାନରେ ପାସ୍ କରିଥିଲେ। ତାପରେ ଭୁବନେଶ୍ୱର ରମାଦେବୀ ମହିଳା ମହାବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନ(ଉଚ୍ଚମାନ)ରେ କୃତିତ୍ୱର ସହ ପାସ୍ କରି ବାଣୀବିହାରରୁ ପଦାର୍ଥ ବିଜ୍ଞାନରେ ପାସ୍ କରିଥିଲେ। ସେ ନିଜର ପ୍ରଥମ ଚେଷ୍ଟାରେ ଓଏଏସ୍ ପାଇବାରେ ସଫଳ ହୋଇଛନ୍ତି । କମ୍ ବୟସରେ ନିଜ ବାପା ନଟବର ନାୟକଙ୍କୁ ହରାଇଥିଲେ । ବାପା ଜଣେ ଶିକ୍ଷକ ଥିଲେ । ତେବେ ତାଙ୍କ ମା ରାଧାମଣୀ ବି ଜଣେ ଶିକ୍ଷୟତ୍ରୀ ଅଟନ୍ତି । ତାଙ୍କରି ସହଯୋଗରେ ନିଷ୍ଠାର ସହ ଓଏଏସ୍ ପାଇବାରେ ସକ୍ଷମ ହୋଇଛନ୍ତି । ତାଙ୍କର ବଡ ଭଉଣୀ ଡିମ୍ପଲ ରାଣୀ ନାଏକ ଦିଗପହଣ୍ଡିରେ ଶିକ୍ଷକତା କରୁଛନ୍ତି। ଉଭୟ ସୁଦାସ ଏବଂ ବନ୍ଦନାରାଣୀଙ୍କ ଏହିଭଳି ସଫଳତା କୁ ନେଇ ଚାରିଆଡୁ ଶୁଭେଚ୍ଛା ମିଳିଛି`

**ବର୍ଦ୍ଧିତ ଦର ପ୍ରତିବାଦ**

# ବିଜେଡିର ବିକ୍ଷୋଭ ଓ ଟାୟାର ଜାଳି ରାସ୍ତାରୋକ






ପାରଳାଖେମୁଣ୍ଡି,୨୭।୫(ସମିସ)

ଗଜପତି ଜିଲ୍ଲା ବିଜେଡି ପକ୍ଷରୁ ବର୍ଦ୍ଧିତ ପେଟ୍ରୋଲ ଓ ଡିଜେଲ ସହ ଅତ୍ୟାବଶ୍ୟକ ସାମଗ୍ରୀର ଦର ଅହେତୁକ ବୃଦ୍ଧି ବିରୁଦ୍ଧରେ ବିକ୍ଷୋଭ ଓ ପ୍ରତିବାଦ କରାଯାଇଛି । ଆଜି ପାରଳାଖେମୁଣ୍ଡି ସ୍ଥିତ ଜଙ୍ଗମସାହି ଛକ ନିକଟରେ ଥିବା ପେଟ୍ରୋଲ ପମ୍ପ ସମ୍ମୁଖରେ ବିଜେଡି ନେତା ଓ କର୍ମୀ ଟାୟର ଜାଳି ରାସ୍ତାରୋକ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଜେଡି ଜିଲ୍ଲା ସଭାପତି ପ୍ରଦୀପ ନାୟକଙ୍କ ନେତୃତ୍ୱରେ ଶହ ଶହ କର୍ମୀ ଓ ନେତା ଯୋଗ ଦେଇଥିଲେ । ପେଟ୍ରୋଲ ଡିଜେଲର ବର୍ଦ୍ଧିତ ଦର ହେତୁ ସାଧାରଣ ଓ ମଧ୍ୟବିତ୍ତ ପରିବାର ଅଣ ନିଶ୍ୱାସ ହେଲେଣି। କ୍ରମାଗତ ଭାବେ ନିତ୍ୟବ୍ୟବହୃତ ସାମଗ୍ରୀ ଆକାଶ ଛୁଆଁ ଦର ହୋଇଛି। ଆଗକୁ ସାଧାରଣ ଲୋକ ବଞ୍ଚିବାର କଷ୍ଟକର ବ୍ୟାପାର ହେବ । ଲୋକଙ୍କ ସରକାର କହି କ୍ଷମତାକୁ ଆସି ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଗଠନ କରି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି । ଆଗାମୀ ଦିନରେ ପେଟ୍ରୋଲ ଦରଦାମରେ ନିୟନ୍ତ୍ରଣ ନଆସିଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇ ଜୋରଦାର ଆନ୍ଦୋଳନ କରିବ ବୋଲି ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଛି। ବିକ୍ଷୋଭ ପ୍ରତିବାଦରେ ବିଜେଡି ମହିଳା ସଭାନେତ୍ରୀ ସଂଯୁକ୍ତା ବେହେରା, ପାରଳାଖେମୁଣ୍ଡି ଉପାଧ୍ୟକ୍ଷ ଲେଙ୍କା ମଧୁ, ଜିଲ୍ଲା ଯୁବ ସଭାପତି ଲେଙ୍କା ସୀମାଦ୍ରୀ, ଛାତ୍ର ନେତା ବିଶ୍ୱଜିତ ତ୍ରିପାଠୀ, ପାରଳାଖେମୁଣ୍ଡି ବିଜେଡି ନଗର ସଭାପତି ସୁଧୀରଞ୍ଜନ ମହାପାତ୍ର, ମହିଳା ନଗର ସଭାପତି ତନୁଜା ଶତପଥୀ, ବରିଷ୍ଠ ନେତା ଲକ୍ଷ୍ମୀକାନ୍ତ ପରିଚ୍ଛାଙ୍କ ସମେତ ଶତାଧିକ ବିଜେଡି କର୍ମୀ ସାମିଲ ହୋଇଥିଲେ।

# ବିକଶିତ ଓଡ଼ିଶା-୨୦୩୬ ଗଠନରେ ମା' ଗୃହର ଭୂମିକା ଆଲୋଚନାଚକ୍ର



ଟିକାବାଲି,୨୭।୫(ସମିସ): ବିକଶିତ ଭାରତ ପରିପ୍ରେକ୍ଷୀରେ ୨୦୩୬ ମସିହା ସୁଦ୍ଧା ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ନିମନ୍ତେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ଥିବାବେଳେ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟକ୍ଷେତ୍ରରେ ଉନ୍ନତି ଆଣିବା ଏକାନ୍ତ ଆବଶ୍ୟକ। ମାତୃ ଓ ଶିଶୁ ମୃତ୍ୟୁହାର କମାଇବାରେ ସୁରକ୍ଷିତ ତଥା ଆନୁଷ୍ଠାନିକ ପ୍ରସବର ଭୂମିକା ଯଥେଷ୍ଟ ଅଧିକ। ଏହି ଉଦ୍ଦେଶ୍ୟରେ ଜନସଚେତନତା ସୃଷ୍ଟି କରି ଉପାନ୍ତ ଅଞ୍ଚଳର ଗର୍ଭବତୀ ମହିଳାଙ୍କ ମଧ୍ୟରେ ରକ୍ତହୀନତା ଦୂର କରିବା ଏବଂ ଘରୋଇ ପ୍ରସବକୁ ହ୍ରାସ କରି ଆନୁଷ୍ଠାନିକ ପ୍ରସବ ବୃଦ୍ଧି କରିବା ପାଇଁ କନ୍ଧମାଳ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବିଭିନ୍ନ ସ୍ଥାନରେ ମା ଗୃହ ସ୍ଥାପନ କରାଯାଇଛି। ଏହି କ୍ରମରେ ଏକ ସ୍ୱେଚ୍ଛାସେବୀ ସଂଗଠନ ସହଯୋଗରେ ୨୦୨୦ ମେ ମାସଠାରୁ ଟିକାବାଲି ବ୍ଲକର ଛତିଝାରରେ ଏକ ମା' ଗୃହ ପରିଚାଳିତ ହେଉଛି। ଆଜି ଏହି ମା' ଗୃହର ଷଷ୍ଠ ପ୍ରତିଷ୍ଠା ଦିବସ ଅବସରରେ ବିକଶିତ ଓଡ଼ିଶା ୨୦୩୬ ପାଇଁ ମା' ଗୃହର ଭୂମିକା ଶୀର୍ଷକ ଏକ ବିଶେଷ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ଟିକାବାଲି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁନିତାରାଣୀ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର କରିବାକୁ ହେଲେ ପ୍ରତି ପରିବାରର ସମସ୍ତ ସଦସ୍ୟଙ୍କ ନିକଟରେ ଉପଯୁକ୍ତ ସ୍ୱାସ୍ଥ୍ୟ ଓ ପୋଷଣ ସେବା ପହଞ୍ଚିବା ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଜ୍ୟୋତିରଞ୍ଜନ ଜେନା ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ହରିଶଙ୍କର ରାଉତ ଗ୍ରାମାଞ୍ଚଳରେ ପ୍ରଚଳିତ ଅନ୍ଧବିଶ୍ୱାସକୁ ଦୂର କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟକ୍ରମ ପରିଚାଳକ ରଶ୍ମିରଞ୍ଜନ ତ୍ରିପାଠୀ, ପିଏଚ୍ଇଓ ରକ୍ତିମା ପ୍ରଧାନ, ଟିକାବାଲି ସି ଏଚ ଓ ରୁନୁମା କହଁର, ପାବୁରିଆ ସିଏଚ୍ଓ ଅଞ୍ଜଳି ଦିଗାଲ ଏବଂ ଟିକାବାଲି ଆଇସିଡିଏସର ମହିଳା ପରିଦର୍ଶିକା ମଞ୍ଜୁଲତା ବେହେରା ଓ ମମତା ଦେଇ ଉପସ୍ଥିତ ଥିଲେ।

**ଟ୍ରକ-ବାଇକ ମୁହାଁମୁହିଁ ଧକ୍କା**

# ଜଣେ ମୃତ, ଜଣେ ଆହତ: କ୍ଷତିପୂରଣ ଦାବିରେ ରାସ୍ତାରୋକ

ନୂଆଗଡ/ମୋହନା,୨୭।୫(ସମିସ): ଗଜପତି ଜିଲ୍ଲା ସେରଙ୍ଗ ଥାନା ଖଜୁରିପଦା ଫାଣ୍ଡି ଅନ୍ତର୍ଗତ ଜାତୀୟ ରାଜପଥ ୩୨୬(ଏ) ତିତିସିଂ ଛକରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଚାଉଳ ବୋଝେଇ ଟ୍ରକ ସହ ବାଇକ ମୁହାଁ ମୁହିଁ ଧକ୍କା ହେବା ଫଳରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଜଣେ ଆହତ ହୋଇଥିବା ଜଣାପଡିଛି। ମୃତକ ଜଣକ ହେଲେ ଗଜପତି ଜିଲ୍ଲା ମୋହନା ବ୍ଲକ ଗୁଲୁବା ପଞ୍ଚାୟତ ଲକ୍ଷ୍ମୀପୁରଗାଁର ଚନ୍ଦନ ଲିମା(୨୦) ଓ ଆହତ ବ୍ୟକ୍ତି ମିହିର ଲିମା (୧୯) ।



ଟ୍ରକ୍ ଗାରାବନ୍ଧ ଠାରୁ ଚାଉଳ ଲୋଡ କରି ଲୁହାଗୁଡ଼ି ଯାଉଥିବା ବେଳେ ଅପର ପକ୍ଷରୁ ଏକ ହୋଣ୍ଡା ବାଇକରେ ମୋହନା ବ୍ଲକ୍ ଲକ୍ଷ୍ମୀପୁର୍ ଗାଁରୁ ଦୁଇଜଣ ପାରଳାଖେମୁଣ୍ଡି ଯାଉଥିବା ବେଳେ ତିତିସିଂ ଛକ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଆହତ ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଖଜୁରୀପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ। ଘଟଣା ସ୍ଥଳରେ ଖଜୁରୀପଦା ଫାଣ୍ଡି ପୁଲିସ୍ ପହଞ୍ଚି ତଦନ୍ତ କରୁଛି।

ମୃତ ଯୁବକଙ୍କ ପରିବାର ଲୋକେ କ୍ଷତିପୂରଣ ଦାବିରେ ଦୀର୍ଘ ସମୟ ଧରି ମୃତ ଦେହକୁ ରାସ୍ତାରେ ରଖି ୩୨୬ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ବିଡିଓ ଲୋକନାଥ ଶବର, ତହସିଲଦାର ମନାଲିସା ଆଚାର୍ଜି ଏବଂ ପୁଲିସ ଆନ୍ଦୋଳନକାରୀଙ୍କୁ ବୁଝାସୁଝା ପରେ ରାସ୍ତା ଅବରୋଧ ହଟିଥିଲା। ପୁଲିସ ମୃତ ଦେହ ଜବତ ଓ ମାମଲା ରୁଜୁ କରି ସବକୁ ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡି ପଠାଇବା ସହ ଘଟଣାର ତଦନ୍ତ କରୁଛି।

# ରାମାୟଣମ୍ମା ଯାତ୍ରାରେ ଗଜପତି ସ୍ୱେଚ୍ଛାସେବୀ ସଙ୍ଗଠନର ପାନୀୟ ବଣ୍ଟନ



ପାରଳାଖେମୁଣ୍ଡି,୨୭।୫(ସମିସ): ଏକ ମାସ ଧରି ଚାଲିଥିବା ଛତ୍ରପୁର ଅଧିଷ୍ଠାତ୍ରୀ ମା ରାମୟଣମ୍ମାଙ୍କ ଯାତ୍ରା ସରିବାକୁ ଆଉ ମାତ୍ର ୧୦ଦିନ ବାକି ରହିଛି। ସବୁ ସମୟରେ ସବୁ ସ୍ଥାନରେ ସମାଜସେବା କରି ପ୍ରଶଂସିତ ହେଉଥିବା ସ୍ୱେଚ୍ଛାସେବୀ ସଙ୍ଗଠନ ସେବା ପ୍ରତିନିଧିର ମୁଖ୍ୟ ନୀଳମଣି ମିଶ୍ର ଓ ସଙ୍ଗଠକ ତଥା ଗଜପତି ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ରଙ୍କ ପ୍ରଚେଷ୍ଟାରେ ଛତ୍ରପୁରରେ ଯାତ୍ରା ପଣା ବଣ୍ଟନ ବ୍ୟବସ୍ଥା କରାଯାଇଛି । ଏହି କ୍ରମରେ
ଗତକାଲି ସମାଜସେବୀ ମନୋଜ ମିଶ୍ର, ଏସ. ରବି, ସୁଶାନ୍ତ ଗୌଡ଼, ମାଧବ ସାସମଲ ତଥା ନିରାକାର ସାହୁଙ୍କ ନେତୃତ୍ୱରେ ଶତାଧିକ ପଥଚାରୀଙ୍କୁ ଗ୍ଲୁକୋଜ ପାଣି ବଣ୍ଟନ କରାଯାଇଥିଲା । ସେହିପରି ଆଜି ପବିତ୍ର ପୁରୁଷୋତ୍ତମ ଏକାଦଶୀ ଅବସରରେ ଆଇଆରଇରେ କାର୍ଯ୍ୟରତ ମନୋରଞ୍ଜନ ବେହେରା, ଟୁଟୁ ନାୟକ ତଥା ବି. ବୈରାଗୀଙ୍କ ନେତୃତ୍ୱରେ ଦହିପଣା ବଣ୍ଟନ କରାଯାଇଥିଲା । ଆଜିର ଏହି ଅନନ୍ୟ କାର୍ଯ୍ୟକ୍ରମରେ ନିମନ୍ତ୍ରଣ ରକ୍ଷା କରି ଗଞ୍ଜାମ ଜିଲ୍ଲା ଆଡ଼ିସିନାଲ ଏସପି ପ୍ରଶାନ୍ତ କୁମାର ଦାସ, ସରକାରୀ ଓକିଲ ଧର୍ମା ରେ‡ୀ ଯୋଗ ଦେଇଥିଲେ।

# ସମୁଦ୍ର ମିଶ୍ର ଜି.ଉଦୟଗିରି ନୂତନ ତହସିଲଦାର

ଜି.ଉଦୟଗିରି,୨୭।୫(ସମିସ): ଜି.ଉଦୟଗିରିର ତହସିଲଦାର ରଞ୍ଜନ କୁମାର ସାହୁଙ୍କୁ ଅନୁଗୁଳ ଜିଲ୍ଲାକୁ ବଦଳି ପରେ ନୂତନ ତହସିଲଦାର ଭାବେ ମଙ୍ଗଳବାର ସମୁଦ୍ର ମିଶ୍ର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ପୂର୍ବରୁ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ଭାବେ ଫୁଲବାଣୀରେ କାର୍ଯ୍ୟରତ ଥିଲେ। ନୂତନ ତହସିଲଦାର ସମୁଦ୍ର ମିଶ୍ରଙ୍କୁ ଅତିରିକ୍ତ ତହସିଲଦାର ଦେବାଶିଷ ଜେନା, ମୃତ୍ୟୁଞ୍ଜୟ ଦଳବେହେରାଙ୍କ ସମେତ ସମସ୍ତ କାର୍ଯ୍ୟରତ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।



**କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା**

# ଅଚାନକ ଗସ୍ତରେ ଅବ୍ୟବସ୍ଥା ଦେଖି ପ୍ରକଳ୍ପ ନିର୍ଦ୍ଦେଶକ କ୍ଷୁବ୍ଧ

କାଶୀନଗର,୨୭।୫(ସମିସ)



କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ଧରି ଚାଲିଥିବା ଅବ୍ୟବସ୍ଥା ଓ ଅନିୟମିତତାକୁ ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଯେଉଁ ଅସନ୍ତୋଷ ଦେଖାଦେଇଥିଲା, ତାହା ଏବେ ଚରମ ସୀମାରେ ପହଞ୍ଚିଛି। ବୁଧବାର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଦୟାମୟ ପାଢ଼ୀଙ୍କ ଅଚାନକ ଗସ୍ତ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ଅବ୍ୟବସ୍ଥା ସାମ୍ନାକୁ ଆସିଥିବା ବେଳେ ସେ ଏହାକୁ ନେଇ କ୍ଷୁବ୍ଧ ହୋଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଗସ୍ତ ବେଳେ କାଶୀନଗର ବିଡିଓ ଡମ୍ବରୁଧର ମଲ୍ଲିକ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ସହକାରୀ ତହସିଲଦାର କେ. ଦିବ୍ୟରଞ୍ଜନ, ଏମଇ ରଜତ ପାଢ଼ୀ ଉପସ୍ଥିତ ରହିଥିଲେ। ଏହି ଗସ୍ତ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ ସେବା, ପରିଚ୍ଛନ୍ନତା, କର୍ମଚାରୀଙ୍କ ଉପସ୍ଥିତି ଓ ସରକାରୀ ନିୟମ ପାଳନ ସମ୍ବନ୍ଧୀୟ ଅନେକ ଗୁରୁତର ତ୍ରୁଟି ଚିହ୍ନଟ ହୋଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। ପ୍ରକଳ୍ପ ନିର୍ଦ୍ଦେଶକ ଗସ୍ତ ସମୟରେ ରୋଗୀଙ୍କ ସୁବିଧା ପାଇଁ ନୂତନ ଭାବେ ନିର୍ମାଣ ହୋଇଥିବା କୋଠରୀରେ ତାଲା ପଡ଼ିଥିବା ଦେଖିବାକୁ ପାଇଥିଲେ। ଏତେ ବଡ଼ ଖର୍ଚ୍ଚରେ ନିର୍ମାଣ ହୋଇଥିବା କୋଠରୀ ରୋଗୀଙ୍କ କାମରେ ନ ଆସି ଅଚଳ ଅବସ୍ଥାରେ ପଡ଼ିରହିବାକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ହସ୍ପିଟାଲର କିଛି କର୍ମଚାରୀ ଡ୍ୟୁଟି ସମୟରେ ଅନୁପସ୍ଥିତ ଥିବା ବେଳେ ରୋଗୀଙ୍କ ବେଡ୍ ଅପରିଷ୍କାର ରହିଥିବା, ପରିସରରେ ସ୍ୱଚ୍ଛତାର ଅଭାବ ଓ ରେକର୍ଡ ଫାଇଲ ଠିକ୍ ଭାବେ ରଖାନଯିବା ଭଳି ଅନେକ ଅନିୟମିତତା ତାଙ୍କ ନଜରକୁ ଆସିଥିଲା। ଗସ୍ତ ସମୟରେ ପାନୀୟ ଜଳ ବ୍ୟବସ୍ଥା ମଧ୍ୟ ଠିକ୍ ନଥିବା ଦେଖାଯାଇଥିଲା। ଗ୍ରୀଷ୍ମ ପ୍ରବାହ ସମୟରେ ହସ୍ପିଟାଲକୁ ଆସୁଥିବା ରୋଗୀ ଓ ସେମାନଙ୍କ ସହଯୋଗୀ ପାନୀୟ ଜଳ ପାଇଁ ହଇରାଣ ହେଉଥିବା ଅଭିଯୋଗ ମିଳିଥିଲା। ଏହା ସହିତ ଟେଣ୍ଡର ସମୟ ସମାପ୍ତ ହୋଇଥିବା ଗାଡ଼ି ବ୍ୟବହାର କରାଯାଉଥିବା ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା। ସରକାରୀ ନିୟମକୁ ଅମାନ୍ୟ କରି ଏଭଳି ଗାଡ଼ି ବ୍ୟବହାର କରାଯିବାକୁ ନେଇ ପ୍ରକଳ୍ପ ନିର୍ଦ୍ଦେଶକ ଅସନ୍ତୋଷ ପ୍ରକାଶ କରିଥିଲେ। ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସଠିକ୍ ଭାବେ ପାଳନ ହେଉନଥିବା ନେଇ ମଧ୍ୟ ସେ ଅଧିକାରୀଙ୍କୁ ପଚାରିଥିବା ଜଣାପଡ଼ିଛି। ଏହି ଅବ୍ୟବସ୍ଥାକୁ ନେଇ କାଶୀନଗର ଏନଏସିର ୩ ନମ୍ବର ୱାର୍ଡ କାଉନସିଲର ମଧ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମ୍ମୁଖରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା ନେଇ ବାରମ୍ବାର ସ୍ଥାନୀୟ ଓ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଗୁହାରୀ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହାର ପରିଣାମରେ ସାଧାରଣ ଲୋକେ ଉଚିତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ହସ୍ପିଟାଲର ଇନ୍‌ଚାର୍ଜ ଡାକ୍ତରଙ୍କ ଅବହେଳା ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ସେ ଅଭିଯୋଗ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ମଧ୍ୟ ଏହି ଅଭିଯୋଗକୁ ଗୁରୁତ୍ୱର ସହ ନେଇଥିବା ଜଣାପଡ଼ିଛି। କିଛି ଦିନ ପୂର୍ବରୁ ହୋଇଥିବା ପଞ୍ଚାୟତ ସମିତି ବୈଠକରେ ମଧ୍ୟ ଜନପ୍ରତିନିଧି ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ଡାକ୍ତରଙ୍କ କାର୍ଯ୍ୟଶୈଳୀକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ରୋଗୀ ସେବାରେ ଅବହେଳା, ଡାକ୍ତର ଓ କର୍ମଚାରୀଙ୍କ ଅନୁପସ୍ଥିତି, ରୋଗୀଙ୍କ ସହ ଅସଦ୍‌ବ୍ୟବହାର ଭଳି ବିଭିନ୍ନ ଅଭିଯୋଗ ବୈଠକରେ ଉଠିଥିଲା। ତଥାପି ସମସ୍ୟାର ସମାଧାନ ନହେବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ କ୍ଷୋଭ ବଢ଼ିଚାଲିଛି। ଦୁଇ ଦିନ ପୂର୍ବରୁ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପଙ୍ଖା ଚାଲୁନଥିବା ଓ ପାନୀୟ ଜଳ ନଥିବା ନେଇ ରୋଗୀ ଓ ସେମାନଙ୍କ ପରିବାର ଲୋକ ଅଭିଯୋଗ କରିଥିଲେ। ଗ୍ରୀଷ୍ମରେ ରୋଗୀ ଅସହ୍ୟ ଅବସ୍ଥାରେ ରହୁଥିବା ବେଳେ ହସ୍ପିଟାଲ ପକ୍ଷରୁ ମୌଳିକ ସୁବିଧା ଯୋଗାଇ ନଦେବାକୁ ନେଇ ସ୍ଥାନୀୟ ଯୁବକ ପ୍ରତିବାଦ କରିଥିଲେ। କିଛି ଯୁବକ ଏହି ଅବ୍ୟବସ୍ଥାର ଭିଡିଓ କରି ସୋସିଆଲ ମିଡିଆରେ ପ୍ରଚାର କରିଥିଲେ। ଭିଡିଓ ଭାଇରାଲ ହେବା ପରେ ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏହା ସହିତ ଜଣେ ରୋଗୀଙ୍କୁ ଚିକିତ୍ସା କରିବାକୁ ଡାକ୍ତର ମନା କରିଥିବା ନେଇ ମଧ୍ୟ ଅଭିଯୋଗ ହୋଇଥିଲା। ପରେ ସ୍ଥାନୀୟ କିଛି ଯୁବକ ହସ୍ପିଟାଲରେ ପହଞ୍ଚି ଯୁକ୍ତିତର୍କ କରିବା ପରେ ଡାକ୍ତର ଚିକିତ୍ସା କରିଥିବା କୁହାଯାଉଛି।



ଏଭଳି ଘଟଣା ରୋଗୀ ସେବା ପ୍ରତି ହସ୍ପିଟାଲ ପ୍ରଶାସନର ଅବହେଳାକୁ ସ୍ପଷ୍ଟ କରୁଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ କହିଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ଉକ୍ତ ଇନ୍‌ଚାର୍ଜ ଡାକ୍ତରଙ୍କ ବିରୋଧରେ କୌଣସି ଦୃଢ଼ ପଦକ୍ଷେପ ନ ନିଆଯାଇଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗରିବ ଓ ଆଦିବାସୀ ଅଞ୍ଚଳର ଲୋକେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ ଥିବା ବେଳେ ଏପରି ଅବ୍ୟବସ୍ଥା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରୋଗୀଙ୍କ ଜୀବନ ସହ ଖେଳ ଖେଳାଯାଉଥିବା ଅଭିଯୋଗ କରି ସେମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପ୍ରକଳ୍ପ ନିର୍ଦ୍ଦେଶକ ଗସ୍ତ ପରେ ହସ୍ପିଟାଲର ବିଭିନ୍ନ ଅନିୟମିତତା ନେଇ ଆଲୋଚନା ଜୋର ଧରିଥିବା ବେଳେ, ଆଗାମୀ ଦିନରେ ଏହା ଉପରେ କିଭଳି ପଦକ୍ଷେପ ଗ୍ରହଣ କରାଯିବ ସେନେଇ ପ୍ରଶ୍ନ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ ପରେ ପ୍ରକଳ୍ପ ନିର୍ଦ୍ଦେଶକ କାଶୀନଗର ଏନଏସି ଓ ବ୍ଲକରେ ଚାଲିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ମଧ୍ୟ ତଦାରଖ କରିଥିବା ସୂଚନା ମିଳିଛି। କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା ନେଇ ସ୍ଥାନୀୟ ଅଞ୍ଚଳରେ ଯେପରି ଅସନ୍ତୋଷ ଦେଖାଦେଇଛି, ତାହା ଆଗାମୀ ଦିନରେ ଆହୁରି ତୀବ୍ର ରୂପ ନେବ ବୋଲି କୁହାଯାଇଛି।

**● କିରଣ ମୃତ୍ୟୁକୁ ମାସେ ବିତିଲା**

# ହତ୍ୟା ରହସ୍ୟ ଉପରୁ ହଟୁନି ପରଦା

ଜି.ଉଦୟଗିରି,୨୭।୫(ସମିସ): ଜି.ଉଦୟଗିରି ଥାନା ଗ୍ରେସିଙ୍ଗିଆ ପଞ୍ଚାୟତ ସ୍ଥିତ ଡାକରଙ୍ଗିଆ ଗ୍ରାମର ପ୍ରହଲ୍ଲାଦ ପ୍ରଧାନଙ୍କ ୨୧ ବର୍ଷୀୟ ପୁଅ କିରଣଙ୍କୁ ଆଖଡାଶାଳରୁ ଡ଼ାକିନେଇ ଗତ ମାସ ୨୯ ତାରିଖରେ ଆରାସ୍ମିନ ଜନତା ଉଚ୍ଚବିଦ୍ୟାଳୟ ପାଖ କରାବାଲି ଜଙ୍ଗଲରେ ମାରି ଫିଙ୍ଗି ଦିଆଯାଇଥିବା ବେଳେ, ୩୦ ତାରିଖ ଦିନ ଗ୍ରାମବାସୀ ଆଦର୍ଶ ଥାନାରେ ଖବର ଦେବାପରେ ଥାନା ଅଧିକାରୀ ବିଜୟକୁମାର ସ୍ୱାଇଁ ସଦଳବଳେ ଘଟଣା ସ୍ଥଳ ରେ ପହଞ୍ଚି କ୍ଷତବିକ୍ଷତ ଗଳିତ ଶବକୁ ଜବତ କରି ଅପମୃତ୍ୟୁ ମାମଲା ନମ୍ବର ୪ରେ ମକଦମା ରୁଜୁ କରି ତଦନ୍ତ ଜାରି ରଖିଥିଲେ। ପରିବାର ବର୍ଗ ଏହାକୁ ହତ୍ୟା ଅଭିଯୋଗ ଆଣିବା ପରେ ତଦନ୍ତ ଅଧିକାରୀ ଏସ ଆଇ ପ୍ରଦୀପ କୁମାର ରାଉଳ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସାଇଣ୍ଟିଫିକ ଟିମ ଓ ସନ୍ଧାନି କୁକୁର ସହ ତଦନ୍ତ ଜାରି ରଖିଥିବା ବେଳେ ମୃତ କିରଣଙ୍କ ମୋବଇଲ ମଧ୍ୟ ଜବତ କରିଥିଲେ। ସେହି ମୋବଇଲ କଲ୍ ରେକର୍ଡିଂକୁ ଆଧାର କରି ବର୍ତ୍ତମାନ ତଦନ୍ତ ଅଧିକାରୀ ହତ୍ୟା ମାମଲା ରୁଜୁ କରି ୪୫ରୁ ଅଧିକ ଲୋକଙ୍କୁ ପଚରା ଉଚରା କରିଛନ୍ତି। ଅପର ପକ୍ଷେ ଚଳିତ ମାସ ୨୦ ତାରିଖରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିଶବିଶି ଘଟଣାସ୍ଥଳ ପରିଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ଜେରା କରିଥିବାର ସୂଚନା ମିଳିଛି। ୧୯ ତାରିଖ ଦିନ ଅଞ୍ଚଳବାସୀ ଥାନା ଘେରାଉ କରିଥିଲେ ସୁଦ୍ଧା ଉପଖଣ୍ଡ ପୁଲିସ ଅଧିକାରୀ ଏ ଶିବା ରେଡ଼ି, ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ ଓ ତଦନ୍ତ ଅଧିକାରୀ ପ୍ରଦୀପ କୁମାର ରାଉଳ ବୁଝାସୁଝା କରି ଚଳିତ ମାସ ଶେଷ ସୁଦ୍ଧା ଅଭିଯୁକ୍ତକୁ ଧରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏଯାବତ ପୁଲିସ ହାତ ଖାଲି ରହିଛି। କଣ୍ଟ ପୁରିବାକୁ ଆଉ ମାତ୍ର ୪ ଦିନ ରହିଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୫.୮୨ ● ପାଉଣ୍ଡ ୧୨୮.୫୭
- ୟୁରୋ ୧୧୧.୨୩ ● ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୪୫,୧୦୦ (ଭୁବନେଶ୍ୱର)
- ରୁପା : ୨,୯୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୫,୮୬୭.୦୦
- ନିଫ୍ଟି ୨୩,୯୦୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



# ଏୟାର ଇଣ୍ଡିଆ ଓ ଇଣ୍ଡିଗୋ କମାଇବେ ଉଡାଣ ସଂଖ୍ୟା



ନୂଆଦିଲ୍ଲୀ, ୨୭।୫ (ଏଜେନ୍ସି): ପରିଚାଳନା ବ୍ୟୟ ଓ ଇନ୍ଧନ ମୂଲ୍ୟ ବୃଦ୍ଧିର ପ୍ରଭାବ ଏବେ ଦେଶର ବିମାନ ପରିଚାଳନା କମ୍ପାନୀ ଉପରେ ପଡ଼ିଛି। ଟାଟା ଗ୍ରୁପ୍ ପରିଚାଳିତ ବିମାନ ସଂସ୍ଥା ଏୟାର ଇଣ୍ଡିଆ ଜୁନ୍ ଠାରୁ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ପ୍ରତି ସପ୍ତାହରେ ପ୍ରାୟ ୮୦୦ଟି ଘରୋଇ ଉଡାଣ କମ୍ କରିବାକୁ ଘୋଷଣା କରିଛି। ସେହିପରି ଇଣ୍ଡିଗୋ ମଧ୍ୟ ଦେଶରେ ବିମାନ ଚଳାଚଳ ୫%ରୁ ୭% ହ୍ରାସ କରିବ ବୋଲି ଇଙ୍ଗିତ ଦେଇଛି।

ବର୍ତ୍ତମାନ ଏୟାର ଇଣ୍ଡିଆ ପ୍ରତି ସପ୍ତାହରେ ପ୍ରାୟ ୪୪୦୦ ଉଡାଣ ଚଳାଉଛି। ସେଥିରୁ ୩୬୦୦ଟି ଘରୋଇ ଓ ୮୦୦ଟି ଆନ୍ତର୍ଜାତିକ ଉଡ଼ାଣ ରହିଛି। ମାତ୍ର ଇନ୍ଧନ ମୂଲ୍ୟ ବୃଦ୍ଧି ଯୋଗୁଁ କମ୍ପାନୀ ଘରୋଇ ସେବାରେ ୨୨% କମାଇବାକୁ ଘୋଷଣା କରିଛି । ବଜାର ଚାହିଦା ଓ ଅପରେସନାଲ୍ ପରିସ୍ଥିତି ଉପରେ ନଜର ରଖାଯାଉଛି; ସ୍ଥିତି ସାଧାରଣ ହେଲେ ପୁଣିଥରେ ଉଡାଣ ସଂଖ୍ୟା ବୃଦ୍ଧି ନେଇ ବିଚାର କରାଯିବ ବୋଲି କମ୍ପାନୀ କହିଛି। ଇଣ୍ଟରନ୍ୟାସନାଲ୍ ଅଟୋମୋବାଇଲ୍ ଫେଡେରେସନ୍‌ର ତଥ୍ୟ ଅନୁସାରେ ବର୍ତ୍ତମାନ ବିମାନ ସଂସ୍ଥାମାନଙ୍କର ସମୁଦାୟ ଅପରେସନାଲ୍ ଖର୍ଚ୍ଚରେ ଇନ୍ଧନ ବ୍ୟୟ ୪୦% ରୁ ବଢ଼ି ୬୦% ରେ ପହଞ୍ଚିଛି। ଏହା ଏୟାରଲାଇନ୍‌ଗୁଡ଼ିକର ଆର୍ଥିକ ସନ୍ତୁଳନକୁ ପ୍ରଭାବିତ କରିଛି। ଆଭିଏସନ୍ ଆନାଲିଟିକ୍ସ ସଂସ୍ଥା 'ସିରିୟମ୍'ର ତଥ୍ୟ ଅନୁଯାୟୀ, ମାର୍ଚ୍ଚ ଓ ଏପ୍ରିଲ୍‌ରେ ଭାରତର ଚାରିଟି ବଡ଼ ବିମାନ ସଂସ୍ଥାର ଅପରେସନ୍?ରେ ପୂର୍ବବର୍ଷ ତୁଳନାରେ ୬% ପର୍ଯ୍ୟନ୍ତ ହ୍ରାସ ଦେଖାଯାଇଛି। ଏହି ସମୟରେ ଇଣ୍ଡିଗୋ ୪.୫% କମ୍ ଉଡାଣ ଚଳାଇଥିବା ବେଳେ ଏୟାର ଇଣ୍ଡିଆ ୭.୫% କମ୍ ଫ୍ଲାଇଟ୍ ଚଳାଇଛି। 'ଏୟାର ଇଣ୍ଡିଆ ଏକ୍ସପ୍ରେସ୍' ବିମାନ ସେବା ୧୭.୧% ହ୍ରାସ କରିଛି। ବର୍ତ୍ତମାନ ଭାରତର ଘରୋଇ ବିମାନ ସେବା କ୍ଷେତ୍ରରେ ଇଣ୍ଡିଗୋ ଓ ଏୟାର ଇଣ୍ଡିଆ ଆଧିପତ୍ୟ ରହିଛି ଏବଂ ଉଭୟ କମ୍ପାନୀର ମୋଟ ସେବାର ୯୦% ଦଖଲ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବେଦାନ୍ତ ଅଧ୍ୟକ୍ଷ

## ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା

ଭୁବନେଶ୍ୱର, ୨୭।୫ (ସମିସ): ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାରେ ବେଦାନ୍ତର ୧ ଲକ୍ଷ କୋଟିରୁ ଅଧିକ ଟଙ୍କାର ନୂତନ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅଗ୍ରୱାଲଙ୍କ ସହିତ ଆଲୋଚନା କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ଯେପରି ଠିକ୍ ସମୟରେ କାର୍ଯ୍ୟକାରୀ ହେବ ସେ ସମ୍ପର୍କରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି।

ଓଡ଼ିଶାରେ ୧ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ କରି ବେଦାନ୍ତ ରାଜ୍ୟରେ ଏକ ବୃହତ୍ ପୁଞ୍ଜିନିବେଶକାରୀ ଭାବେ ପରିଗଣିତ ହେଉଛି। ରାୟଗଡ଼ା ଜିଲ୍ଲାରେ ୬୦ ଲକ୍ଷ ଟନ୍ ବିଶିଷ୍ଟ ଆଲୁମିନା ରିଫାଇନେରୀ, ଢେଙ୍କାନାଳ ଜିଲ୍ଲାରେ ୩୦ ଲକ୍ଷ ଟନ୍ ବିଶିଷ୍ଟ ଆଲୁମିନିୟମ୍ ସ୍ମେଲ୍ଟର ଓ ୬୦୦୦ ମେଗାୱାଟ୍ ବିଶିଷ୍ଟ ବିଦ୍ୟୁତ୍ ପ୍ରକଳ୍ପ, ଡାଉନ୍‌ଷ୍ଟ୍ରିମ୍ ଆଲୁମିନିୟମ୍ ପାର୍କ, କୋଇଲା ଏବଂ ବକ୍ସାଇଟ୍ ସମନ୍ୱିତ ଶିଳ୍ପ ଇତ୍ୟାଦି ବେଦାନ୍ତ ପକ୍ଷରୁ ଓଡ଼ିଶାରେ ସ୍ଥାପନ କରାଯିବାର ପ୍ରସ୍ତାବ ରହିଛି। ଏହି ସମସ୍ତ ପ୍ରକଳ୍ପ ମିଳିତ ଭାବେ ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବ।



### ପ୍ରତି ୧୫ ଦିନରେ ସମୀକ୍ଷା କରାଯାଇ ପ୍ରକଳ୍ପକୁ ଠିକ୍ ସମୟରେ ଶେଷ କରାଯିବ

### ଓଡ଼ିଶାରେ ୧ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ କରିଛି ବେଦାନ୍ତ

ଏରୋସ୍ପେସ୍, ଇଲେକ୍ଟ୍ରିକ୍ ଭେହିକିଲ୍ ଓ ପ୍ରତିରକ୍ଷା ଭଳି କ୍ଷେତ୍ର ପାଇଁ ଅତ୍ୟାଧୁନିକ ଆଲୁମିନିୟମ୍ ଉତ୍ପାଦ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ବେଦାନ୍ତ ଏହାର ସ୍ମେଲ୍ଟର ନିକଟରେ ଡାଉନ୍‌ଷ୍ଟ୍ରିମ୍ ଆଲୁମିନିୟମ୍ ପାର୍କ ସ୍ଥାପନ କରିବ। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ଓଡ଼ିଶା ବିଶ୍ୱର ସବୁଠାରୁ ବଡ଼ ଆଲୁମିନିୟମ୍ ଉତ୍ପାଦନ ହବ୍ ଭାବରେ ପରିଚୟ ସୃଷ୍ଟି କରିପାରିବ । ଏହାଦ୍ୱାରା ଲକ୍ଷ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ହଜାର ହଜାର ନୂତନ ଏମ୍‌ଏସ୍‌ଏମ୍‌ଇ ସୃଷ୍ଟି ହୋଇପାରିବ।

ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବେଦାନ୍ତର ଏହି ପୁଞ୍ଜିନିବେଶ ଆମ ଯୁବପିଢ଼ିଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବ। ବେଦାନ୍ତର ପ୍ରକଳ୍ପ ଗୁଡ଼ିକ ସମ୍ପର୍କରେ ପ୍ରତି ୧୫ ଦିନରେ ଥରେ ସମୀକ୍ଷା କରାଯାଇ ଠିକ୍ ସମୟରେ କାର୍ଯ୍ୟ ଆରମ୍ଭ କରିବା ପାଇଁ ପଦକ୍ଷେପ ନିଆଯିବ । ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଡଲାରର ଅର୍ଥନୀତିରେ ପରିଣତ କରିବା ପାଇଁ ଆମର ଯାତ୍ରାକୁ ଏହି ସବୁ ପ୍ରକଳ୍ପ ଗୁଡ଼ିକ ଆହୁରି ତ୍ୱରାନ୍ୱିତ କରିବ। ଏହା ବିଶେଷ କରି କେନ୍ଦ୍ରୀୟ ଏବଂ ଦକ୍ଷିଣ ଓଡ଼ିଶାରେ ଆର୍ଥିକ କାର୍ଯ୍ୟକଳାପ ଏବଂ ଭିତ୍ତିଭୂମିର ବିକାଶକୁ ଅଧିକ ପ୍ରୋତ୍ସାହିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପ୍ରକଳ୍ପର ଅଗ୍ରଗତି ଉପରେ ନିଜର ମତ ରଖି ବେଦାନ୍ତ ଗ୍ରୁପ୍‌ର ଅଧ୍ୟକ୍ଷ ଶ୍ରୀ ଅଗ୍ରୱାଲ କହିଛନ୍ତି ଯେ ଆମର ଆଗାମୀ ପ୍ରକଳ୍ପଗୁଡ଼ିକ ଓଡ଼ିଶାର ଅର୍ଥନୀତି ଉପରେ ଏକ ବଡ଼ ପରିବର୍ତ୍ତନ ଆଣିବ, ଯାହା ଲକ୍ଷ ଲକ୍ଷ ନିଯୁକ୍ତି ସୃଷ୍ଟି କରିବା ସହ ସ୍ଥାନୀୟ ଉଦ୍ୟୋଗଗୁଡ଼ିକୁ ଶକ୍ତିଶାଳୀ କରିବ ଓ ଏକ ଭବିଷ୍ୟତ-ଉପଯୋଗୀ ଶିଳ୍ପ ହବ୍ ଗଠନ କରିବାରେ ସହାୟକ ହେବ। ସରକାରଙ୍କ ସହଯୋଗ ପାଇଁ ଶ୍ରୀ ଅଗ୍ରୱାଲ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ବୈଠକରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀଙ୍କ ସହିତ ବେଦାନ୍ତ ଗ୍ରୁପ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଟିସିଆଇର ଆୟ ୧୧.୬% ବୃଦ୍ଧି

ଗୁରୁଗ୍ରାମ, ୨୭।୫(ଏଜେନ୍ସି): ଦେଶର ପ୍ରମୁଖ ଇଣ୍ଟିଗ୍ରେଟେଡ୍ ମଲ୍ଟିମୋଡାଲ୍ ଲଜିଷ୍ଟିକ୍ସ ଓ ସପ୍ଲାଇ ଚେନ୍ ସୋଲ୍ୟୁସନ୍ସ ପ୍ରଦାନକାରୀ ଟିସିଆଇ ୨୦୨୬ ଆର୍ଥିକ ବର୍ଷର ଚତୁର୍ଥ ତ୍ରୟମାସିକ ରିପୋର୍ଟ ପ୍ରକାଶ କରିଛି । ଏଥିରେ କମ୍ପାନୀର ଆୟ ଓ ଲାଭ ବୃଦ୍ଧି ପାଇଥିବା କୁହାଯାଇଛି।

ଟିସିଆଇ ପକ୍ଷରୁ ଜାରି ରିପୋର୍ଟ ଅନୁସାରେ ୨୦୨୬ ଆର୍ଥିକ ବର୍ଷର ଚତୁର୍ଥ ତ୍ରୟମାସିକରେ କମ୍ପାନୀର ସମନ୍ୱିତ ରାଜସ୍ୱ ୧୩୩୬ କୋଟିରେ ପହଞ୍ଚିଛି। ପୂର୍ବବର୍ଷର ଏହି ଅବଧିରେ ରାଜସ୍ୱ ୧୧୯୭ କୋଟି ଥିବାବେଳେ ଏଥର ୧୧.୬ ପ୍ରତିଶତ ବୃଦ୍ଧି ହୋଇଛି। ସେହିପରି କମ୍ପାନୀର କର ପରେ ନିଟ୍ ଲାଭ ୮.୭ ପ୍ରତିଶତ ବୃଦ୍ଧି ପାଇ ୧୨୫ କୋଟି ହୋଇଛି। ଗତବର୍ଷ ସମାନ ତ୍ରୈମାସିକରେ କମ୍ପାନୀ ୧୧୫ କୋଟି ଲାଭ କରିଥିଲା। କମ୍ପାନୀର ପରିଚାଳନା ନିର୍ଦ୍ଦେଶକ କହିଛନ୍ତି ଯେ, ଗୋଦାମ ପରିଚାଳନା, ମଲ୍ଟିମୋଡାଲ୍ ପରିବହନ ଓ ବିଭିନ୍ନ କ୍ଷେତ୍ରଭିତ୍ତିକ ଲଜିଷ୍ଟିକ୍ସ ସେବାରେ ଭଲ ଚାହିଦା ଦେଖାଯାଇଛି। ଟିସିଆଇର ତୃତୀୟ ପକ୍ଷ ଲଜିଷ୍ଟିକ୍ସ (୩ପିଏଲ୍), କୋଲ୍ଡ ଚେନ୍ ଓ ଗୋଦାମ ସେବା ଏଫଏମସିଜି, ଗ୍ରାହକ ଉପଭୋଗ୍ୟ ସାମଗ୍ରୀ, ନବୀକରଣଯୋଗ୍ୟ ଉର୍ଜା, ଇ-କମର୍ସ ଓ କ୍ୱିକ୍ କମର୍ସ ଭଳି ବିଭିନ୍ନ କ୍ଷେତ୍ରର ଗ୍ରାହକଙ୍କୁ ସେବା ଯୋଗାଉଛି।

# କୋଲ ଇଣ୍ଡିଆର ୨% ଅଂଶଧନ ବିକିବେ ସରକାର

**୫୦୦୦ କୋଟି ଟଙ୍କା ଯୋଗାଡ଼ ଲକ୍ଷ୍ୟ**

ନୂଆଦିଲ୍ଲୀ, ୨୭।୫ (ଏଜେନ୍ସି): କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ସଂସ୍ଥା କୋଲ ଇଣ୍ଡିଆର ୨ ପ୍ରତିଶତ ଅଂଶଧନ 'ଅଫର୍ ଫର୍ ସେଲ୍' ମାଧ୍ୟମରେ ବିକ୍ରି କରିବେ। ପ୍ରଥମେ ସରକାର ୧% ଅଂଶଧନ ବିକ୍ରିକରିବେ ଓ ପରବର୍ତ୍ତୀ ସମୟରେ ଆଉ ୧% ବିକ୍ରି କରିବାକୁ ଯୋଜନା ରଖିଛନ୍ତି। ଏହି ଅଂଶଧନ ବିକ୍ରି ଜରିଆରେ ସରକାର ୫୦୦୦ କୋଟି ଟଙ୍କା ଯୋଗାଡ଼ କରିବାକୁ ଲକ୍ଷ୍ୟ ରଖିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ପରେ ଷ୍ଟକ୍ ମାର୍କେଟରେ କୋଲ ଇଣ୍ଡିଆର ସେୟାର ପ୍ରାୟ ୫% ହ୍ରାସ ପାଇଛି। ସରକାର ପ୍ରତି ଶେୟାର ଫ୍ଲୋର ପ୍ରାଇସ ୪୧୨ ଟଙ୍କା ଧାର୍ଯ୍ୟ କରିଛନ୍ତି, ଯାହା ପୂର୍ବ କ୍ଲୋଜିଂ ପ୍ରାଇସଠାରୁ ୧୧.୨ ପ୍ରତିଶତ କମ୍ ରହିଛି । ୨୭ ମେ'ରେ କେବଳ ନନ୍-ରିଟେଲ୍ ନିବେଶକମାନେ ସେୟାର ଖରିଦ କରିପାରିବେ ଓ ୨୯ ମେ'ରେ ରିଟେଲ୍ ଓ ନନ୍-ରିଟେଲ୍ ଉଭୟ ନିବେଶକ ଅଂଶଧନ କ୍ରୟ କରିପାରିବେ। ପ୍ରଥମ ପର୍ଯ୍ୟାୟରେ ୬.୧୬ କୋଟି ଶେୟର୍ ବିକ୍ରି ହେବ ଓ ପରବର୍ତ୍ତୀ ସମୟରେ ଅତିରିକ୍ତ ୬.୧୬ କୋଟି ଶେୟର୍ ବିକ୍ରି କରାଯିବ।

# ଖୁବଶୀଘ୍ର ଚାଲିବ ଦେଶର ପ୍ରଥମ ସ୍ୱଦେଶୀ ହାଇଡ୍ରୋଜେନ୍ ଟ୍ରେନ୍



ଭୁବନେଶ୍ୱର, ୨୭।୫ (ସମିସ): ଖୁବ୍ ଶୀଘ୍ର ଦେଶରେ ଚାଲିବ ପ୍ରଥମ ସ୍ୱଦେଶୀ ହାଇଡ୍ରୋଜେନ୍ ଟ୍ରେନ୍। ଭାରତୀୟ ରେଳବାଇର ଏହି ୧୦ ଡବା ଓ ୧୨୦୦ କିଲୋୱାଟ୍ ଇଂଜିନ ବିଶିଷ୍ଟ ରେଳଗାଡ଼ି ଜିନ୍ଦ-ସୋନିପତ ସେକ୍ସନରେ ଘଣ୍ଟାପ୍ରତି ୭୫ କିଲୋମିଟର ବେଗରେ ଚଳାଚଳ କରିବ। ଜର୍ମାନୀ, ଜାପାନ, ଚୀନ୍ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ପରି ବିଶ୍ୱର ଆଙ୍ଗୁଳିଗଣତି ଦେଶ ପରେ ଭାରତରେ ହାଇଡ୍ରୋଜେନ୍ ଟ୍ରେନ୍ ଚାଲିବ।

ହାଇଡ୍ରୋଜେନ୍ ଫୁଏଲ୍ ସେଲ୍ ପ୍ରଯୁକ୍ତିବିଦ୍ୟା ଉଦ୍‌ଜାନ ବ୍ୟବହାର କରି ରାସାୟନିକ ପ୍ରତିକ୍ରିୟା ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନ କରେ, ଏହି ପ୍ରକ୍ରିୟାରେ କେବଳ ଜଳୀୟ ବାଷ୍ପ ନିର୍ଗତ ହୁଏ। ଏହା ପାରମ୍ପରିକ ଜୀବାଶ୍ମ ଇନ୍ଧନ-ଆଧାରିତ ରେଳ ବ୍ୟବସ୍ଥାର ଏକ ସ୍ୱଚ୍ଛ ବିକଳ୍ପ ଭାବରେ କାର୍ଯ୍ୟ କରିବ। ହରିୟାଣାର ଜିନ୍ଦ-ସୋନିପତ ସେକ୍ସନକୁ ଏହି ରେଳ ଚାଳନା ପାଇଁ ପାଇଲଟ୍ ରୁଟ୍ ଭାବରେ ମନୋନୀତ କରାଯାଇଛି। ଜିନ୍ଦରେ ଏକ ସ୍ୱଦେଶୀ ଭାବରେ ବିକଶିତ ହାଇଡ୍ରୋଜେନ୍ ଷ୍ଟୋର ଓ ଇନ୍ଧନ ପୁନଃଭରଣ କେନ୍ଦ୍ର ସ୍ଥାପନ କରାଯାଇଛି। ଏହା ସହିତ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ଏକ ପୃଥକ କମ୍ପ୍ରେସର୍ ୟୁନିଟକୁ ପ୍ରସ୍ତୁତ ରଖାଯାଇଛି।

# ବେଦାନ୍ତ ପକ୍ଷରୁ ୨୩,୦୦୦ ଲୋକଙ୍କ ପାଇଁ ଗୋଷ୍ଠୀ ଜଳ ଯୋଗାଣ




ଭୁବନେଶ୍ୱର, ୨୭।୫(ସମିସ): ଗ୍ରୀଷ୍ମଋତୁରେ ଗ୍ରାମୀଣ ଓଡ଼ିଶାରେ ଜଳ କଷ୍ଟ ଦୂର କରିବା ପାଇଁ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଓଡ଼ିଶାର କୁରାଲୋଇ, ଜାମଖାନୀ ଏବଂ ଘୋଘରପାଲି ଅଞ୍ଚଳରେ ପାଣି ଟ୍ୟାଙ୍କର ଓ ପାନୀୟ ଜଳ କିଓସ୍କ ମାଧ୍ୟମରେ ଜଳ ଯୋଗାଣକୁ ସୁଦୃଢ଼ କରିଛି। ଏହି ପଦକ୍ଷେପ ଜରିଆରେ ଦୈନିକ ଅତିରିକ୍ତ ୭୨,୦୦୦ ଲିଟର ପାନୀୟ ଜଳ ଯୋଗାଇ ଦିଆଯାଉଛି। କୁରାଲୋଇ ଏବଂ ପିପିଲିମାଳ ଗ୍ରାମ ପଞ୍ଚାୟତ, ବେଲପାହାଡ଼ ପୌରପାଳିକାର ୱାର୍ଡ ନମ୍ବର ୧୭, ଝାରପାଲମ ଏବଂ ଗର୍ଜନଜୋର ପଞ୍ଚାୟତ ସମେତ ଚକ୍ର, ବିଲିମୁଣ୍ଡା, ଗର୍ଜନଜୋର, ଗିରିଶିମା ଏବଂ ଜାମଖାନୀର ପ୍ରାୟ ୨୩,୦୦୦ରୁ ଅଧିକ ଲୋକ ଉପକୃତ ହୋଇଛନ୍ତି । ୨୦୨୫ ଏପ୍ରିଲ ରେ କାର୍ଯ୍ୟକ୍ଷମ ହୋଇଥିବା ପ୍ରୋଜେକ୍ଟ ନିର୍ମଳରେ ୧୨ଟି ସୌର-ଚାଳିତ ବୋରୱେଲ୍ ଏବଂ ୨୦ଟି ଜଳ ବିଶୋଧନ ପ୍ରଣାଳୀ ରହିଛି।

## ଆଦାନୀ ଗ୍ରୁପ୍ ମାର୍କେଟ କ୍ୟାପ୍ ୨୦ ଲକ୍ଷ କୋଟି ନିକଟତର

# କେବଳ ୨୦୨୬ରେ ବଢ଼ିଛି ୫ ଲକ୍ଷ କୋଟି




ଭୁବନେଶ୍ୱର, ୨୭।୫(ସମିସ): ୨୦୨୬ ଆର୍ଥିକ ବର୍ଷ ଅଦାନୀ ଗ୍ରୁପ୍ ପାଇଁ ଶୁଭଙ୍କର ସାବ୍ୟସ୍ତ ହୋଇଛି । ଜାନୁଆରୀ ୧ ତାରିଖରୁ ମଇ ମଧ୍ୟଭାଗ ମଧ୍ୟରେ ଆଦାନୀ ଗ୍ରୁପର ମୋଟ ମୂଲ୍ୟ ୫ ଲକ୍ଷ କୋଟି ବୃଦ୍ଧି ପାଇଛି। ଆଦାନୀ ଗ୍ରୁପ୍‌ର କମ୍ପାନୀଗୁଡ଼ିକ ମଧ୍ୟରେ ଆଦାନୀ ପାୱାର ସବୁଠାରୁ ମୂଲ୍ୟବାନ ସାବ୍ୟସ୍ତ ହୋଇଛି। ଆଦାନୀ ପାୱାର କମ୍ପାନୀର ମାର୍କେଟ କ୍ୟାପ୍ ବର୍ତ୍ତମାନ ୪,୭୯,୧୬୭ କୋଟି ଅତିକ୍ରମ କରିଛି। ଚଳିତ କ୍ୟାଲେଣ୍ଡର ବର୍ଷର ପ୍ରଥମ ୫ ମାସରେ କେବଳ ଆଦାନୀ ପାୱାର କମ୍ପାନୀର ମାର୍କେଟ କ୍ୟାପ୍ ରେକଡର୍ ୨,୦୨,୫୧୧ କୋଟି ବୃଦ୍ଧି ପାଇଛି। ସେହିପରି ଆଦାନୀ ପୋର୍ଟ ଓ ଏଣ୍ଟରପ୍ରାଇଜର୍ସ ମଧ୍ୟ ବେଶ୍ ଭଲ ପ୍ରଦର୍ଶନ କରିଛି। କମ୍ପାନୀର ମାର୍କେଟ କ୍ୟାପ୍ ୪,୨୦,୬୧୧ କୋଟି ଟଙ୍କାରେ ପହଞ୍ଚିଛି। ଗତ ୫ ମାସ ମଧ୍ୟରେ ଏହାର ମୂଲ୍ୟ ୮୨,୨୨୨ କୋଟି ଟଙ୍କା ବୃଦ୍ଧି ପାଇଛି। ଅପରପକ୍ଷରେ ଆଦାନୀ ଏଣ୍ଟରପ୍ରାଇଜର୍ସ ମାର୍କେଟ କ୍ୟାପ୍ ୫ ମାସରେ ୯୩,୦୫୧ ବୃଦ୍ଧି ପାଇ ୩.୮୩ ଲକ୍ଷ କୋଟିରେ ପହଞ୍ଚିଛି । ଅର୍ଥନୀତିଜ୍ଞମାନଙ୍କ ମତରେ ଏହି ଗତି ଜାରି ରହିଲେ ଆଗାମୀ ଦିନରେ ଆଦାନୀ ଗ୍ରୁପ୍‌ର ମାର୍କେଟ କ୍ୟାପ୍ ୨୦ ଲକ୍ଷ କୋଟି ଅତିକ୍ରମ କରିବ।

# ଜୁନ ୧ରୁ ମହଙ୍ଗା ହେବ ହ୍ୟୁଣ୍ଡାଇ କାର୍

ନୂଆଦିଲ୍ଲୀ, ୨୭।୫(ଏଜେନ୍ସି): ଆସନ୍ତା ଜୁନ୍ ୧ ତାରିଖରୁ ବଢ଼ିବ ହ୍ୟୁଣ୍ଡାଇ କାର୍ ମୂଲ୍ୟ। କମ୍ପାନୀର ସୂଚନା ଅନୁସାରେ ବିଭିନ୍ନ ମଡେଲ୍ ଓ ଭେରିଏଣ୍ଟ ଅନୁସାରେ ଗାଡ଼ିଗୁଡ଼ିକର ମୂଲ୍ୟ ୧୨,୮୦୦ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ବଢ଼ୁଥିବା ଖର୍ଚ୍ଚ ଓ ଗ୍ରାହକଙ୍କ ହିତ ମଧ୍ୟରେ ସମନ୍ୱୟ ରଖିବା ପାଇଁ ଏପରି ପଦକ୍ଷେପ ନିଆଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। କାର୍ ମୂଲ୍ୟବୃଦ୍ଧି ପଛରେ ତିନିଟି ମୁଖ୍ୟ କାରଣ ଥିବା କମ୍ପାନୀ ସୂଚନା ଦେଇଛି। ଲୁହା, ଇସ୍ପାତ ଓ ପ୍ଲାଷ୍ଟିକ ଆଦି କଞ୍ଚାମାଲ ଓ ନିର୍ମାଣ ଖର୍ଚ୍ଚ ବୃଦ୍ଧି ଯୋଗୁଁ କାର ମୂଲ୍ୟ ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଥିବା କୁହାଯାଉଛି।

## ଛାତ୍ରଙ୍କ କୃତିତ୍ୱ



ଶ୍ରୀ ମାନସ ରଂଜନ ସାହୁ ବାଲେଶ୍ୱର ଜିଲ୍ଲା, ବସ୍ତା ବ୍ଲକ, ଚଣ୍ଡିପୁର ଗ୍ରାମର ପ୍ରଥମ ଛାତ୍ର ହିସାବରେ ସର୍ବ ଭାରତୀୟ ସ୍ତରରେ IIT JAM ପରୀକ୍ଷାରେ ୩୦୮ Rank ରଖି IIT Madras ରେ ପଢ଼ିବା ପାଇଁ ମନୋନୀତ ହୋଇଛନ୍ତି । ଏହା ପୂର୍ବରୁ ସେ ରାଉରକେଲା N I T ରେ ଅଧ୍ୟୟନରତ ଥିଲେ । ଶ୍ରୀ ମାନସ ରଂଜନ ସାହୁ ଏକ ମଧ୍ୟବିତ ପରିବାରରୁ ଆସି ଏହି ସଫଳତା ଅର୍ଜନ କରିଛନ୍ତି । ସେ ବାଲେଶ୍ୱର ଜିଲ୍ଲା, ବସ୍ତା ବ୍ଲକ ଚଣ୍ଡିପୁର ଗ୍ରାମନିବାସୀ ଶ୍ରୀଯୁକ୍ତ ବଂଶୀଧର ସାହୁଙ୍କ ନାତି (ବଡ଼ପୁଅ ଭାନୁ ଚରଣ ସାହୁ ଏବଂ ସସ୍ମିତାରାଣୀ ସାହୁଙ୍କ ଏକମାତ୍ର ପୁତ୍ର) ଅଟନ୍ତି । ତାଙ୍କର ଏହି ସଫଳତା ପାଇଁ ନିଜର ଅଧ୍ୟବସାୟ, ପରିଶ୍ରମ ଏବଂ ଜେଜେ ବାପା-ଜେଜେମା, ଅଜା-ଆଈ, ଦାଦା-ଖୁଡ଼ୀ, ମାମୁଁ-ମାଇଁ ଏବଂ ସର୍ବୋପରି ଶିକ୍ଷାନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ଶ୍ରେୟ ଦେଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ଅଂଚଳବାସୀ ଗର୍ବଅନୁଭବ କରିଛନ୍ତି ।

## ଦେଶ ପାଇଁ ଆସୁଛି ବଡ଼ ବିପଦ

# ତାତି ତାଉ: ୫% ହ୍ରାସ ପାଇବ ଦେଶର ଅର୍ଥନୀତି

ନୂଆଦିଲ୍ଲୀ, ୨୭।୫ (ଏଜେନ୍ସି): ଭାରତରେ ପ୍ରତିବର୍ଷ ପଡୁଥିବା ଭୟଙ୍କର ଗ୍ରୀଷ୍ମ ପ୍ରବାହ ଏବେ କେବଳ ପାଣିପାଗ ସମସ୍ୟାରେ ସୀମିତ ରହିନାହିଁ। ଲମ୍ବା ସମୟ ଧରି ଚାଲୁଥିବା ତୀବ୍ର ହିଟୱେଭ୍ ଦେଶର ଅର୍ଥନୀତିକୁ ମଧ୍ୟ ଗୁରୁତର ଭାବେ ପ୍ରଭାବିତ କରିଛି। ବର୍ଦ୍ଧିତ ତାପମାତ୍ରା ଲୋକମାନଙ୍କ କାର୍ଯ୍ୟକ୍ଷମତା ହ୍ରାସ କରୁଛି, କାମ କରିବାର ସମୟ କମୁଛି, କୃଷି କ୍ଷେତ୍ର ଦୁର୍ବଳ ହୋଇଛି, ସ୍ୱାସ୍ଥ୍ୟ ବ୍ୟୟ ଦ୍ରୁତ ବୃଦ୍ଧି ପାଇଛି ଓ ବିଦ୍ୟୁତ ଚାହିଦା ରେକର୍ଡ ସ୍ତରରେ ପହଞ୍ଚିଛି। ସବୁଠାରୁ ଅଧିକ ପ୍ରଭାବ କୃଷି, ନିର୍ମାଣ ଏବଂ ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନଙ୍କ ଉପରେ ପଡିଛି। ତେଣୁ ଏ କ୍ଷେତ୍ରରେ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରା ନ ଗଲେ ଆସନ୍ତା ୨୦୩୦ ସୁଦ୍ଧା ଭାରତର ଅର୍ଥନୀତି ୪%ରୁ ୫% ହ୍ରାସ ପାଇବ ବୋଲି ଅର୍ଥନୀତିଜ୍ଞମାନେ ଚେତାବନୀ ଦେଇଛନ୍ତି।

ଆନ୍ତର୍ଜାତୀୟ ଶ୍ରମ ସଙ୍ଗଠନର ରିପୋର୍ଟ ଅନୁସାରେ ବର୍ଦ୍ଧିତ ଗ୍ରୀଷ୍ମ ପ୍ରବାହ ଯୋଗୁଁ ୨୦୩୦ ସୁଦ୍ଧା ସାରା ବିଶ୍ୱରେ ପ୍ରାୟ ୮ କୋଟି ପୂର୍ଣ୍ଣ ଅବଧି ଚାକିରି ସମତୁଲ ଉତ୍ପାଦନ କ୍ଷମତା ହ୍ରାସ ହୋଇପାରେ ଓ ଏହା ମଧ୍ୟରେ ଭାରତର ୩.୪ କୋଟି ଚାକିରି ପ୍ରଭାବିତ ହୋଇପାରେ। ଗରମ ଯୋଗୁଁ କାମର କ୍ଷତିର ସବୁଠାରୁ ବଡ ପ୍ରଭାବ



କୃଷି କ୍ଷେତ୍ରରେ ପଡୁଛି ଓ ଅତ୍ୟଧିକ ତାପମାତ୍ରାରୁ କ୍ଷେତ୍ରରେ କାମ କରିବାର କ୍ଷମତା ସହ ଫସଲ ଉତ୍ପାଦନ ହ୍ରାସ ପାଉଛି । ପଶୁସମ୍ପଦ କ୍ଷେତ୍ରରେ ମଧ୍ୟ ଅନୁରୂପ ସ୍ଥିତି ଉପୁଜିଛି । କାର୍ଯ୍ୟକ୍ଷେତ୍ରରେ ଭୟଙ୍କର ଗରମ ସମୟରେ କାମର ଗତି ୧୮ରୁ ୩୫ ପ୍ରତିଶତ ହ୍ରାସ ପାଉଛି । ଶ୍ରମିକମାନଙ୍କୁ ବାରମ୍ବାର ବିଶ୍ରାମ ନେବାକୁ ପଡୁଛି ଓ ଅନେକ ସମୟରେ କାମ ବନ୍ଦ ମଧ୍ୟ କରିବାକୁ ପଡୁଛି।

ବିଶେଷଜ୍ଞମାନଙ୍କ ସୂଚନା ଅନୁସାରେ ଗରମ ଜନିତ ଚାପକୁ ରୋକା ନ ଗଲେ ଭାରତର ଆର୍ଥିକ ବିକାଶ ହାର ଗୁରୁତର ଭାବେ ପ୍ରଭାବିତ ହେବ। ବିଶ୍ୱବ୍ୟାଙ୍କର ଏକ ଅଧ୍ୟୟନ ଅନୁଯାୟୀ ୨୦୩୦ ସୁଦ୍ଧା ହିଟ୍ ଷ୍ଟ୍ରେସ କାରଣରୁ ଭାରତର ଅର୍ଥନୀତି ୪.୫ ପ୍ରତିଶତ ପ୍ରଭାବିତ ହୋଇପାରେ ଏବଂ ଏହି କ୍ଷତିର ପରିମାଣ ୧୫୦ରୁ ୨୫୦ ବିଲିଅନ ଡ଼ଲାର ହୋଇପାରେ। ଅପରପକ୍ଷରେ ଭୟଙ୍କର ଗରମ ଯୋଗୁଁ ଦେଶରେ ବିଦ୍ୟୁତ ଚାହିଦା ରେକର୍ଡସ୍ତରରେ ପହଞ୍ଚିଛି। ୨୧ ମେ'ରେ ଭାରତର ଶକ୍ତି ବ୍ୟବହାର ପରିମାଣ ରେକଡର୍ ୨୭୦.୮୨ ଗିଗାୱାଟ୍‌ରେ ପହଞ୍ଚିଛି। ପ୍ରବଳ ଗରମ ଯୋଗୁଁ ପଙ୍ଖା, କୁଲର୍ ଓ ଏସିର ବ୍ୟବହାର ବୃଦ୍ଧି ପାଉଛି ଓ ଏହାର ପ୍ରଭାବ ଲୋକଙ୍କ ବିଦ୍ୟୁତ୍ ବିଲ୍ ଉପରେ ପଡୁଛି । ସେହିପରି ଗରମ କାରଣରୁ ହିଟ୍ ଷ୍ଟ୍ରୋକ୍, ଡିହାଇଡ୍ରେସନ୍ ଓ ଅନ୍ୟାନ୍ୟ ରୋଗୀଙ୍କ ସଂଖ୍ୟା ବଢ଼ିଛି। ରୋଗ ବଢିବାରୁ ଲୋକଙ୍କ ମେଡିକାଲ୍ ଖର୍ଚ୍ଚ ବଢୁଛି, କାର୍ଯ୍ୟଦିବସ ହ୍ରାସ ପାଇବା ଦ୍ୱାରା ଗରିବ ପରିବାର ଉପରେ ଆର୍ଥିକ ଚାପ ବୃଦ୍ଧି ପାଉଛି।

ଅପରପକ୍ଷରେ ଅତ୍ୟଧିକ ତାପମାତ୍ରା କାରଣରୁ ମାଟିର ଆର୍ଦ୍ରତା ଦ୍ରୁତ ହାରରେ କମିଯାଉଛି ଓ ଫସଲ ଉତ୍ପାଦନ ହ୍ରାସ ପାଉଛି। ୨୦୨୨ ମସିହାରେ ପ୍ରବଳ ଗରମ ଯୋଗୁଁ ଗହମ ଉତ୍ପାଦନ ୧୫% ହ୍ରାସ ପାଇଥିଲା ଓ ସରକାର ବିଦେଶକୁ ଗହମ ରପ୍ତାନୀ ଉପରେ ପ୍ରତିବନ୍ଧକ ଲଗାଇଥିଲେ। ଗରମର ପ୍ରଭାବ କେବଳ ଫସଲ ନୁହେଁ; ପଶୁପାଳନ ଓ ଡେୟରୀ କ୍ଷେତ୍ର ଉପରେ ପଡୁଛି। ଅତ୍ୟଧିକ ତାପମାତ୍ରା କାରଣରୁ ପଶୁମାନେ କମ୍ ଖାଉଛନ୍ତି, ଦୁଧ ଉତ୍ପାଦନ ହ୍ରାସ ପାଉଛି ଓ ରୋଗର ଆଶଙ୍କା ବଢୁଛି। କୁକୁଡ଼ା ଚାଷ ଓ ମାଛ ଚାଷ କ୍ଷେତ୍ରରେ ମଧ୍ୟ ଏହାର ପ୍ରଭାବ ଦେଖାଯାଉଛି।

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ସୁରେନ୍ଦ୍ରନାଥ ରାଉତ**

ଅବସରପ୍ରାପ୍ତ ଶିକ୍ଷକ
(କମାରବନ୍ଧ, ଧାମନଗର, ଭଦ୍ରକ)
ଆବିର୍ଭାବ-୨୫/୦୪/୧୯୪୪
ତିରୋଧାନ-୧୮/୦୫/୨୦୨୬

ଚାହୁଁ ଚାହୁଁ ଆଜକୁ ଏଗାରଦିନ ବିତିଗଲା। ପରିବାର, ବନ୍ଧୁ ପରିଜନ ସମସ୍ତଙ୍କୁ ଛାଡି ଏକ ଅଫେରା ରାଇଜକୁ ଚାଲିଗଲଯେ, ଆମେ ଜାଣୁ ଆଉ କେବେ ଫେରିବ ନାହିଁ। ହେଲେ ବାପା ତୁମ ସ୍ମୃତିର ପ୍ରତ୍ୟେକଟି କଣିକା ଆମ ମାନଙ୍କ ହୃଦୟରେ ସୌଧହୋଇ ବିରାଜମାନ କରିଛି। କେମିତି ଭୁଲିଯିବୁ ତୁମଙ୍କୁ ବାପା ତୁମେ ଯେଉଁଠି ଥାଅ ଭଲରେ ଥାଅ। ଜଗତରନାଥ ପ୍ରଭୁ ଜଗନ୍ନାଥ ତୁମ ଅମର ଆତ୍ମାର ସଦ୍‌ଗତି କରନ୍ତୁ ଏହାହିଁ ପ୍ରାର୍ଥନା।

ଶୋକସନ୍ତପ୍ତ: ପୁତ୍ର- ସତ୍ୟବ୍ରତ, ଶୁଭକାନ୍ତ, ଦେବବ୍ରତ, ପ୍ରିୟବ୍ରତ, ପୁତ୍ରବଧୂ- ରୁବି,କୁନି । କନ୍ୟା- ବିକି, ମିନି,ଉଷା, ଜାମାତା- ପ୍ରତାପ, ରଞ୍ଜିତ । ନାତି- ଗୁଡୁ,ବୁବୁନ,ଟୁବୁନ,ଗୁଗୁଲ, ସୁନୀଲ, ପୀୟୁଷ ଓ ନାତୁଣୀ ସୋନି ଓ ବନ୍ଧୁ ପରିବାର ଆତ୍ମୀୟସ୍ୱଜନବୃନ୍ଦ।

**ଏକାଦଶାହ ଶ୍ରଦ୍ଧାଞ୍ଜଳୀ**



**ସ୍ୱର୍ଗତ ଗଣେଶ୍ୱର ସାହୁ**

ଅବସରପ୍ରାପ୍ତ ଶିକ୍ଷକ
ପୁରିପଡା, ଭଣ୍ଡାରିପୋଖରୀ, ଭଦ୍ରକ
ଆବିର୍ଭାବ - ୦୧.୦୬.୧୯୪୯
ତିରୋଧାନ - ୧୮.୦୫.୨୦୨୬

ଚାହୁଁ ଚାହୁଁ ଆଜକୁ ଏଗାରଦିନ ବିତିଗଲା। ପରିବାର, ବନ୍ଧୁ ପରିଜନ ସମସ୍ତଙ୍କୁ ଛାଡି ଏକ ଅଫେରା ରାଇଜକୁ ଚାଲିଗଲଯେ, ଆମେ ଜାଣୁ ଆଉ କେବେ ଫେରିବ ନାହିଁ। ଜଗତରନାଥ ପ୍ରଭୁ ଜଗନ୍ନାଥ ତୁମ ଅମର ଆତ୍ମାର ସଦ୍‌ଗତି କରନ୍ତୁ ଏହାହିଁ ପ୍ରାର୍ଥନା।

ଶୋକାକୁଳ ପରିବାରବର୍ଗ
ଭାନୁ, ପ୍ରମୋଦ, ଧର୍ମେନ୍ଦ୍ର, ଦୀଲୁ, ଦିଲ୍ଲିପ, କୁଲୁ, ଟୁଲୁ, ବୁଲୁ, ପିଙ୍କୁ, ମିଟୁ, ଅଲିଆ, ଲିପୁ, ଦୀପୁ, ଲୁଲୁ, ଡଲିଆ, ଗୁଣ୍ଡି, ସୋନି,

